# ମିଶନ ଶକ୍ତିରେ ଅନିୟମିତତା ନେଇ ବିଡିଓଙ୍କ କାର୍ଯ୍ୟାଳୟ ଆଗରେ ଧାରଣା

କଣାସ,୧୮।୧୨(ସମିସ):



କଣାସ ବ୍ଲକରେ ମିଶନ ଶକ୍ତିରେ ଅନିୟମିତତା ହେଉଥିବା ଦର୍ଶାଇ ବୁଧବାର କେତେକ ପଞ୍ଚାୟତର ମହିଳା ମିଶନଶକ୍ତି ମହାସଂଘ ସଭାନେତ୍ରୀ, ସଂପାଦିକା ବିଡିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଦିନତମାମ ଧାରଣାରେ ବସିଥିଲେ । ସେମାନଙ୍କର ଅଭିଯୋଗ ଯେ ୧୮ ବର୍ଷ ହେଲା ସଂପାଦିକା ଓ ସଭାନେତ୍ରୀ ରହି ଆସିଥିବା ବ୍ୟକ୍ତିଙ୍କୁ ବଦଳା ଯାଇନାହିଁ କିମ୍ବା ନିର୍ବାଚନ କରାଯାଇନାହିଁ । ବିଏଲଏଫରେ ଥିବା ୧୧ଜଣ ସଭ୍ୟଙ୍କ (ଇସି) ମଧ୍ୟରୁ ହରପ୍ରିୟା ସାମନ୍ତସିଂହାର ଏବଂ ସବିତା ସ୍ୱାଇଁଙ୍କୁ କେଉଁ କାରଣରୁ ୫୬ ଜଣ ସଭାନେତ୍ରୀ ଓ ସଂପାଦିକାଙ୍କୁ ନ ଜଣାଇ ବିଏଲ୍ଏଫର ଇ.ସି ପଦରୁ ବାହାର କରାଯାଇଛି । କଣାସ ପଞ୍ଚାୟତରେ ମହାସଂଘ ନ ଥିଲେ ମଧ୍ୟ କେଉଁ ନିୟମ ବଳରେ ଶାନ୍ତିଲତା ସାହୁଙ୍କୁ ବିଏଲଏଫରେ ଇ.ସି କରାଯାଇ ତାଙ୍କୁ ବିଏଲ୍ଏଫର ସଭାପତି କରାଯାଇଛି । ସାହୁପଡା ପଞ୍ଚାୟତରେ ଛବିରାଣୀ ରାଉତରାୟ ବହୁଦିନରୁ ବିଏଲ୍ଏଫର କ୍ୟାସିୟର ରହିଆସିଥିଲେ ମଧ୍ୟ ସାହୁପଡା ପଞ୍ଚାୟତରେ ଓଏଲ୍ଏମ୍‌ରେ କୌଣସି ପଦବୀ ନ ଥାଇ କେଉଁ ନିୟମରେ ସେ ବିଏଲ୍ଏଫ ରହିଛନ୍ତି ବୋଲି ମହିଳାମାନେ ପ୍ରଶ୍ନ କରିଛନ୍ତି। ବିଏଲ୍ଫ ହେବା ଠାରୁ କୌଣସି ନିର୍ବାଚନ କରାଯାଇନାହିଁ । ପଞ୍ଚାୟତ ମହାସଂଘମାନେ ବ୍ଲକ ମହାସଂଘର କର୍ମକର୍ତ୍ତାମାନଙ୍କୁ ହିସାବ ମାଗିଲେ ସେମାନଙ୍କୁ ଧମକ୍ ଚମକ୍ ଦିଆଯାଉଥିବା ଓ ଗାଳିଗୁଳ କରାଯାଉଥିବା, ବ୍ଲକ ମହାସଂଘକୁ ଆସୁଥିବା ସରକାରୀ ଅର୍ଥକୁ ପଞ୍ଚାୟତର ସମସ୍ତ ମହାସଂଘକୁ ଦିଆ ନ ଯାଇ ମନଇଚ୍ଛା ଦିଆଯାଉଥିବା ଅଭିଯୋଗ କରିବା ସହିତ ଏହାର ତଦନ୍ତ କରାଯାଇ ନିର୍ବାଚନ କରିବାକୁ ଧାରଣାରେ ବସିଥିବା ମହିଳାମାନେ ବିଡିଓଙ୍କ ନିକଟରେ ଦାବି କରିଛନ୍ତି। ଅପରାହ୍ଣରେ ବିଡିଓ ନାରାୟଣ ସାହୁ, ତହସିଲଦାର ହିମାଂଶୁଶେଖର ଗିରି, କଣାସ ଥାନା ଭାରପ୍ରାପ୍ତ ଅଧିକାରୀ ରାକେଶ କୁମାର ତ୍ରିପାଠୀ ବିଡିଓଙ୍କ ପ୍ରକୋଷ୍ଠରେ ବସି ମହିଳାମାନଙ୍କ ସହିତ ଆଲୋଚନା କରିବା ସହିତ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ବୋଲି ପ୍ରତିଶ୍ରୁତି ଦେବାରେ ମହିଳାମାନେ ଧାରଣା ପ୍ରତ୍ୟାହାର କରିଥିଲେ। ଏହି ଧାରଣାରେ ବାବା ମୁକୁନ୍ଦେଶ୍ୱର ମହିଳା ମହାସଂଘ, ଗଡଖାରଦ, ପଞ୍ଚାୟତସ୍ତରୀୟ ମହାସଂଘ ମିଶନ ଶକ୍ତି, କାଦୁଆ, ଅଁଳାଯୋଡି ଜିପିଏଫଏଲ, ଗଡବଡପୁଟ ଜିପିଏଫଏଲ୍, ଯାମଳଗୋଡା ପଞ୍ଚାୟତସ୍ତରୀୟ ସଂଘ, ଦୋକନ୍ଦା ପଞ୍ଚାୟତସ୍ତରୀୟ ସଂଘ, ପ୍ରଗତି ଶକ୍ତି ସଞ୍ଚୟିକା ମହିଳା ମହାସଂଘ ସମେତ ୧୯ଟି ମହାସଂଘର ସଭାନେତ୍ରୀ, ସଂପାଦିକା ଧାରଣା ଦେଇଥିଲେ।

# ୨୫ରୁ ନିମାପଡ଼ା ମହୋତ୍ସବ

ନିମାପଡା,୧୮।୧୨(ସମିସ):

ସ୍ଥାନୀୟ ଟାଉନ ହଲ ପରିସରରେ ହେଲ୍ପ ଲାଇନ ଓ ମହୋତ୍ସବ କମିଟି ନିମାପଡା ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ହେଲ୍ପ ଲାଇନ ସଭାପତି ଅକ୍ଷୟ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଉପଦେଷ୍ଟା ଶିକ୍ଷାବିତ୍ ନିର୍ମଳ କୁମାର ମିଶ୍ର, କାର୍ଯ୍ୟକାରୀ ସଭାପତି ରମାକାନ୍ତ ବେହେରା, ସଂପାଦକ ନିଗମାନନ୍ଦ ସାହୁ ଉପସ୍ଥିତ ଥିଲେ। ଆସନ୍ତା ୨୫ ତାରିଖରୁ ୨୭ ତାରିଖ ପର୍ଯ୍ୟନ୍ତ ୨୪ ତମ ନିମାପଡା ମହୋତ୍ସବ ମହା ଆଡମ୍ବର ସହକାରେ ପାଳନ ହେବ ବୋଲି ସୂଚନା ଦିଆଯାଇଛି। ୨୫ ତାରିଖରେ ମୁଖ୍ୟଅତିଥି ଭାବେ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ଜଗତସିଂହପୁର ସାଂସଦ ଡଃ ବିଭୂ ପ୍ରସାଦ ତରାଇ, ପୂର୍ବତନ ସାଂସଦ ତଥା ଚଳଚ୍ଚିତ୍ର ଅଭିନେତା ଅନୁଭବ ମହାନ୍ତି, ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବିନୀତ ଅଗ୍ରୱାଲା ଅତିଥି ଭାବେ ଯୋଗଦେବେ। ୨୬ ତାରିଖରେ ଶ୍ରୀମତୀ ପରିଡାଙ୍କ ସମେତ ପୂର୍ବତନ ସାଂସଦ, ପୂର୍ବତନ ମନ୍ତ୍ରୀ ଓ ପୂର୍ବତନ ବିଧାୟକ ଏବଂ ୨୭ ତାରିଖରେ ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା, ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ସମେତ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଯୋଗ ଦେବାର କାର୍ଯ୍ୟକ୍ରମ ରହିଅଛି। ୨୫ ତାରିଖ ପ୍ରଥମ ସନ୍ଧ୍ୟାରେ ଭାରତ ନାଟ୍ୟମ, ଓଡିଶୀ ନୃତ୍ୟ, ଆଦିବାସୀ ନୃତ୍ୟ, ଦ୍ୱିତୀୟ ସନ୍ଧ୍ୟାରେ କୁଚିପୁଡି ନୃତ୍ୟ, ସମ୍ବଲପୁରୀ ନୃତ୍ୟ, ଲୋକନୃତ୍ୟ ଓ ଶେଷ ଦିନ ତୃତୀୟ ସନ୍ଧ୍ୟାରେ କ୍ରିଏଟିଭ ନୃତ୍ୟ, ଗୋଟିପୁଅ ନୃତ୍ୟ, ଓଲିଉଡ ଓ ବଲିଉଡ ନୃତ୍ୟ ପରିବେଷଣ କରାଯିବାକୁ ସ୍ଥିର କରାଯାଇଛି। ୨୫ ତାରିଖ ଦିନ ନିମାପଡା ନୂଆ ବସଷ୍ଟାଣ୍ଡ ନିକଟରୁ ବିଭିନ୍ନ କଳାକାରମାନଙ୍କ ଦ୍ୱାରା ଏକ ସାଂସ୍କୃତିକ ଶୋଭାଯାତ୍ରା ବାହାରି ନିମାପଡା ମହୋତ୍ସବସ୍ଥଳୀ ମୁକ୍ତାକାଶ ରଙ୍ଗମଞ୍ଚ ନିକଟରେ ପହଞ୍ଚିବ। ୨୭ ତାରିଖ ଦିନ ସକାଳ ୯ଟାରେ ଟାଉନ ହଲ ପରିସରରେ ନିମାପଡା ହେଲ୍ପଲାଇନ୍ ତରଫରୁ ଭୁବନେଶ୍ୱର ମ୍ୟୁନିସିପାଲଟି ହସ୍ପିଟାଲ ଓ ରକ୍ତଭଣ୍ଡାର କର୍ମକର୍ତ୍ତାଙ୍କ ଦ୍ୱାରା ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

# ପ୍ରଧାନଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଚାରିଛକ,୧୮।୧୨(ସମିସ):



ଚାରିଛକ ନିକଟସ୍ଥ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଅଳକୁଣ୍ଡର ପ୍ରଧାନ ଶିକ୍ଷୟିତ୍ରୀ ସୁଲୋଚନା ମହାନ୍ତିଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ବୁଧବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ମିନର୍ଭା ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ହିମାଂଶୁ ଭୂଷଣ ସମରଥ, ମୁଖ୍ୟବକ୍ତା ଭାବେ ନିମାପଡା ମଣ୍ଡଳ ଶିକ୍ଷାଧିକାରୀ ଦ୍ୱିତୀକାନ୍ତ ପ୍ରଧାନ, ସମ୍ମାନିତ ଅତିଥି ଭାବେ ପୂର୍ବତନ ସରପଞ୍ଚ ବଟକୃଷ୍ଣ ସ୍ୱାଇଁ, ସରପଞ୍ଚ ଅଜୟ କୁମାର ପରିଡା, ସୁବାସ ଚନ୍ଦ୍ର ବାରିକ, ମହେନ୍ଦ୍ର ମହାପାତ୍ର, ସମିତିସଭ୍ୟା ଲକିବାଳା ନାୟକ, ପୁରାତନ ଛାତ୍ର ଅଜୟ କୁମାର ଦାସ, ଭାଟବନ୍ଧ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ବ୍ରଜକିଶୋର ସାହୁ, ଭିଲିଗ୍ରାମ ସ୍କୁଲର ପ୍ରଧାନଶିକ୍ଷକ ରବୀନ୍ଦ୍ର କୁମାର ନାୟକ, ଅନ୍ନପୂର୍ଣ୍ଣା ସରକାରୀ ଉଚ୍ଚ ବିଦ୍ୟାଳୟ ଚାରିଛକର ପ୍ରଧାନ ଶିକ୍ଷୟତ୍ରୀ ମନସ୍ୱିନୀ ଲେଙ୍କା, ଏବିଇଓ ପ୍ରତିଭା ମହାନ୍ତି, କୃଷ୍ଣଚନ୍ଦ୍ର ଦଳେଇ, ସୁରେଶ ମହାନ୍ତି, ଦୁର୍ଯ୍ୟୋଧନ ମହାନ୍ତି, ସିଆରସିସି ଅବଦୁଲ ମିସକିନ ଖାନ୍, ବିମ୍ବାଧର ନାୟକ, ଶିବ ଚରଣ ବିଶ୍ୱାଳ ପ୍ରମୁଖ ଯୋଗଦେଇ ଅବସରପ୍ରାପ୍ତ ପ୍ରଧାନଶିକ୍ଷୟତ୍ରୀ ଶ୍ରୀମତୀ ମହାନ୍ତିଙ୍କ ଅବସର ପରବର୍ତ୍ତୀ ସମୟ ସୁଖ ଶାନ୍ତିରେ କଟୁ ବୋଲି ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ଏହି ଅବସରରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ, ପରିଚାଳନା କମିଟିର ସଭ୍ୟ/ସଭ୍ୟା ଛାତ୍ରଛାତ୍ରୀ ଓ ଅଭିଭାବକମାନେ ଯୋଗ ଦେଇଥିଲେ।

# ୨ ବଖରା ଘର ଜଳି ପାଉଁଶ

ନିମାପଡ଼ା,୧୮।୧୨(ସମିସ):



ନିମାପଡା ଥାନା ଅନ୍ତର୍ଗତ ଭିଲି ପଞ୍ଚାୟତ ଝାମ୍ପୁଲାକୁଦ ଗ୍ରାମର ଜଗବନ୍ଧୁ ମାଣିକଙ୍କ ୨ ବଖରା ଘର ନିଆଁ ଲାଗି ସମ୍ପୂର୍ଣ୍ଣ ପୋଡ଼ି ଯାଇଛି। ଅଗ୍ନିକାଣ୍ଡରେ ତାଙ୍କର ଧାନ, ଚାଉଳ, ଲୁଗାପଟା ଓ ଅତ୍ୟାବଶ୍ୟକ ଜିନିଷ ପ୍ରାୟ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଜଳି ଯାଇଥିବା ଜଣାପଡିଛି । ଘରେ କେହି ନ ଥିବା ବେଳେ ଅଗ୍ନିକାଣ୍ଡ ଘଟିଥିବା ଜଗବନ୍ଧୁ ପ୍ରକାଶ କରିଛନ୍ତି। ନିମାପଡା ଅଗ୍ନିଶମ ଅଧିକାରୀ ସରୋଜ କୁମାର ସାହୁଙ୍କ ସମେତ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଜଗବନ୍ଧୁ ଜଣେ ଗରିବ ଶ୍ରେଣୀର ବ୍ୟକ୍ତି ହୋଇଥିବାରୁ ତାଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି।

# ସଜ୍ଞା ପାଇଥିବା ପରିବାରବର୍ଗଙ୍କୁ ଭେଟିଲେ ପୂର୍ବତନ ମନ୍ତ୍ରୀ

ନିମାପଡା,୧୮।୧୨(ସମିସ): ନିମାପଡା ଥାନା ଅନ୍ତର୍ଗତ ଅରିଷଣ୍ଡ ପଞ୍ଚାୟତ ବାମଝାଟୀ ପାଟଣା ଗ୍ରାମରେ ୧୯ ୯୪ ଜୁଲାଇ ୨୨ ତାରିଖରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଗାଁର ବିଭିନ୍ନ ସମସ୍ୟା ପାଇଁ ଘର ପୋଡି ଭଳି ଏକ ଦୁଃଖଦ ଘଟଣା ଘଟିଥିଲା। ୩୦ବର୍ଷ ପରେ ଗ୍ରାମର ୧୫ଜଣ ବ୍ୟକ୍ତିଙ୍କୁ ନିମାପଡା କୋର୍ଟ ଦଣ୍ଡାଦେଶ ଶୁଣାଇଛନ୍ତି। ଦଣ୍ଡାଦେଶ ପରେ ପରିବାରର ସଦସ୍ୟମାନେ ଦୁଃଖରେ ଭାଙ୍ଗି ପଡିଛନ୍ତି। ଏହି ଖବର ପାଇଁ ପୂର୍ବତନ ମନ୍ତ୍ରୀ ସମୀର ରଞ୍ଜନ ଦାଶ ଗ୍ରାମରେ ପହଞ୍ଚି ସେମାନଙ୍କ ପରିବାର ସଦସ୍ୟଙ୍କୁ ଭେଟି ଆଶ୍ୱାସନା ଦେଇଛନ୍ତି।

# ଲଘୁଚାପ ବର୍ଷା ଉଜାଡ଼ିବ ଧାନ ଓ ପନିପରିବା ଚାଷ; ଚିନ୍ତାରେ ଚାଷୀ

ଅସ୍ତରଙ୍ଗ,୧୮।୧୨(ସମିସ):

ଲଘୁଚାପ ପ୍ରଭାବରେ ହେବାକୁ ଥିବା ଅଦିନିଆ ବର୍ଷାକୁ ଦୃଷ୍ଟିରେ ରଖି ଅସ୍ତରଙ୍ଗ ଅଞ୍ଚଳରେ ଧାନ ଏବଂ ପନିପରିବା ଚାଷ ଉଜୁଡ଼ିବାର ସମ୍ଭାବନା ଦେଖାଦେଇଛି। ପାଣିପାଗ ବିଭାଗର ସୂଚନା ଅନୁସାରେ ବର୍ଷା ହେବ ବୋଲି ଜଣା ପଡିବା ପରେ ଚାଷୀ ମହଲରେ ଆତଙ୍କ ଖେଳି ଯାଇଛି। ପାଚିଲା ଧାନ କଟା ହେବା ସମୟରେ ଏବଂ ପରିବା ଚାଷ ସମୟରେ ଯଦି ଲଘୁଚାପ ବର୍ଷା ହୁଏ, ତାହା ହେଲେ ଫସଲ ନଷ୍ଟ ହୋଇଯିବ । ଅସ୍ତରଙ୍ଗ ଅଞ୍ଚଳରେ ହଜାର ହଜାର ଟଙ୍କା ଖର୍ଚ୍ଚ କରି ଚାଷୀ ଚାଷ କରିଥିବା କୋବି, ମୂଳା, ବିନ, ଟମାଟୋ, ଲଙ୍କା, ଶାଗ ଇତ୍ୟାଦି ବର୍ଷା ଯୋଗୁ ନଷ୍ଟ ହେବା ଚିନ୍ତାରେ ଚାଷୀ ରହିଛନ୍ତି। ଅନ୍ୟପକ୍ଷରେ ଚାଷୀମାନେ ସମ୍ଭାବ୍ୟ ବର୍ଷା ଯୋଗୁ ତରତର ହୋଇ ଧାନ ଅମଳ କରୁଥିବା ବେଳେ ଆଉ କିଏ ଗଦା ମାରି ଧାନ ଖଳାକୁ ସୁରକ୍ଷିତ ରଖୁଛନ୍ତି।

# ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ଅସ୍ତରଙ୍ଗ,୧୮।୧୨(ସମିସ): ଅସ୍ତରଙ୍ଗ ବ୍ଲକ ଝାଡ଼ଲିଂ ଓ ନଗର ପଞ୍ଚାୟତ ମଧ୍ୟରେ ଥିବା ଦେବୀ ନଦୀ ପଠାରେ ବୁଧବାର ଏକ ଗଛରେ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହକୁ ପୁଲିସ ଜବତ କରିଛି। ସକାଳେ ସ୍ଥାନୀୟ ଚାଷୀମାନେ ଧାନ କାଟିବାକୁ ଯାଇଥିବା ବେଳେ ଦେଖିବାକୁ ପାଇଥିଲେ। ଖବର ପାଇ ଅସ୍ତରଙ୍ଗ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଶବ ଜବତ କରି ତଦନ୍ତ କରିଛି। ସେ ଏକ ପ୍ୟାଣ୍ଟ ଓ ଟି ସାର୍ଟ ପିନ୍ଧିଛନ୍ତି। ଏକ ନାଲି ଗାମୁଛାରେ ଝୁଲନ୍ତା ଅବସ୍ଥାରେ ରହିଥିବା ବେଳେ ନିକଟରେ ଏକ ସାଇକଲ ରହିଛି। ଉକ୍ତ ସାଇକଲରେ ଏକ ଜରିରେ ଶଙ୍ଖା ସିନ୍ଦୁର ସହିତ ଠାକୁରଙ୍କ ପ୍ରସାଦ ରହିଛି। ପୁଲିସ ଏକ ମୋବାଇଲ ଫୋନ ଓ ବ୍ୟାଙ୍କ ପାସବୁକ ଜବତ କରିଛି। ପ୍ରାଥମିକ ଅନୁସନ୍ଧାନରୁ ଉକ୍ତ ଯୁବକଙ୍କ ଘର କଟକ ଜିଲ୍ଲା ଅଡଶପୁର ସଲେଇବେଦପୁର ଅଞ୍ଚଳର କାହ୍ନୁ ଚରଣ ନାୟକ ବୋଲି ଜଣାପଡ଼ିଛି।

# ପ୍ରୟାସ ପରିବାରର ବନ୍ଧୁମିଳନ ଓ କର୍ମକର୍ତ୍ତା ନିର୍ବାଚନ



କଣାସ,୧୮।୧୨(ସମିସ): କଣାସ ବ୍ଲକ ଚୁପୁରିଙ୍ଗି ପଞ୍ଚାୟତର କଉଡିଆପୁର ଗ୍ରାମର ଜଗୁ ହରିଚନ୍ଦନ ତୋଟାରେ ପ୍ରୟାସ ପରିବାର ପକ୍ଷରୁ ବନ୍ଧୁମିଳନ ଓ ସାଂଗଠନିକ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ପ୍ରୟାସ ପରିବାର ମୁଖ୍ୟ କାମାକ୍ଷା ପ୍ରସାଦ ପ୍ରଧାନଙ୍କ ଅଧ୍ୟକ୍ଷତାରେ ବୈଠକରେ ସମାଜସେବୀ କୃଷ୍ଣଚନ୍ଦ୍ର ଜଗଦେବ, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ବଂଶୀଧର ଜଗଦେବ, ଟଟୁ ବଡଜେନା, ଜିଷ୍ଣୁଜୟ ମତଗଜସିଂହ, ଆଦିକନ୍ଦ ଶ୍ରୀଚନ୍ଦନ, ଗଙ୍ଗାଧର ଛାଟୋଇ, ଲକ୍ଷ୍ମଣ ବେହେରା, ପ୍ରାଚୁର୍ଯ୍ୟ ହୋତା ପ୍ରମୁଖ ଯୋଗ ଦେଇଥିଲେ। ନୂତନ କର୍ମକର୍ତ୍ତା ନିର୍ବାଚନ କରାଯାଇ ୩ନଂ ଜୋନ ସଭାପତି ଭାବେ କିଶୋର ମାରଠ, ସଂପାଦକ ବିଜୟ କୁମାର ସାହୁ, ୪ନଂ ଜୋନ ସଭାପତି କପିଳ ସାମନ୍ତରାୟ, ସଂପାଦକ ପ୍ରତିସୁ ବଡଜେନା, ୫ନଂ ଜୋନ ସଭାପତି ରାମଚନ୍ଦ୍ର ପରିଡା, ସଂପାଦକ ବିଶ୍ୱଜିତ୍ ଜଗଦେବ ମନୋନୀତ ହୋଇଛନ୍ତି । ସେହିପରି ସତ୍ୟବାଦୀ ବ୍ଲକର ୩ଟି ଜୋନର କର୍ମକର୍ତ୍ତା ଗାନ୍ଧି ବିଶ୍ୱାଳ, ନିରଂଜନ ମହାପାତ୍ର, ଦିବାକର ସ୍ୱାଇଁ, ଗୋବିନ୍ଦ ଚନ୍ଦ୍ର ଜେନା, ଚକ୍ରଧର ସାହୁ, ଦିଲ୍ଲୀପ ବିଶ୍ୱାଳ ମନୋନୀତ ହୋଇଛନ୍ତି। ମହିଳା ସଂଗଠନର ମୁଖ୍ୟ ମେନଙ୍କା ପ୍ରଧାନ, ଜିତା ପାଇକରାୟ ଉପସ୍ଥିତ ରହିଥିଲେ । କର୍ମକର୍ତ୍ତା ନିର୍ବାଚନ ପରେ କିପରି ସଂଗଠନକୁ ସୁଦୃଢ଼ କରାଯିବ ସେ ସଂପର୍କରେ ବିଶେଷ ଭାବେ ଆଲୋଚନା କରାଯାଇଥିଲା। ହରିହର ଭୋଳ ଧନ୍ୟବାଦ ଅର୍ପଣ କରିଥିଲେ।

# ବୋମାମାଡ଼ ଘଟଣା ରିମାଣ୍ଡରେ ଆସିବ ଅଭିଯୁକ୍ତ

ଗମ୍ଭାରୀପଦା,୧୮।୧୨(ସମିସ): କାକଟପୁର ଥାନା ଅଧିନସ୍ଥ କଟକଣାର ଚିକେନ ବ୍ୟବସାୟୀ ଶେଖ ସଦ୍ଦାମଙ୍କୁ ଗତ ସୋମବାର ବିଳମ୍ବିତ ରାତ୍ରିରେ ଶେଖ ଜୁନେଦ ଓରଫ ଗୋରା ପୂର୍ବ ଶତ୍ରୁତାକୁ ନେଇ ବୋମାମାଡ କରିଥିବା ବେଳେ କାକଟପୁର ପୁଲିସ ଅଭିଯୁକ୍ତକୁ ଥାନାକୁ ଆଣି ପଚରାଉଚରା କରିବା ପରେ ମଙ୍ଗଳବାର କୋର୍ଟ ଚାଲାଣ କରିଥିଲା। ତେବେ ଏ ସଂକ୍ରାନ୍ତରେ ଅଭିଯୁକ୍ତ ଜୁନେଦ ଉକ୍ତ ଘଟଣାରେ କୌଣସି ସମ୍ପୃକ୍ତ ନାହିଁ ବୋଲି ପୁଲିସକୁ କୁଆଡ଼େ ସୂଚନା ଦେଇଥିଲେ। ଅପର ପକ୍ଷରେ ଉକ୍ତ ଘଟଣାକୁ ନେଇ ଥାନା ଆଇଆଇସି ଉମେଶ ଚନ୍ଦ୍ର ସାହୁଙ୍କୁ ପଚାରିବାରେ ଆସାମୀ ଜୁନେଦକୁ କାକଟପୁର ପୋଲିସ ରିମାଣ୍ଡରେ ଆଣି ଅଧିକ ଖୋଳତାଡ଼ କରିବା ସହିତ ଜୁନେଦର ଅପରାଧିକ କାର୍ଯ୍ୟକଳାପ ସମ୍ପର୍କରେ ତଥ୍ୟ ଯୋଗାଡ଼ କରାଯିବ ବୋଲି କହିଛନ୍ତି। ଏଠାରେ ସୂଚନା ଥାଉକି ଗତ ୩ ମାସ ପୂର୍ବେ କୁଣ୍ଢେଇ ଗୁଳିକାଣ୍ଡ ଘଟଣା, ଫ୍ଲିପକାର୍ଟ ଅଫିସ ଡକାୟତି ଘଟଣା ଏବଂ ବିଭିନ୍ନ ମଠ ମନ୍ଦିରରୁ ଚୋରି ଘଟଣାରେ କାକଟପୁର ପୁଲିସ ଅଭିଯୁକ୍ତମାନଙ୍କୁ ଧରିବାରେ ସକ୍ଷମ ହୋଇ ନ ଥିବା ବେଳେ କାକଟପୁର ମୁଖ୍ୟ ବଜାରରେ ଏକ ବୋମାମାଡ ଘଟଣାକୁ ନେଇ ପୁଲିସର କାର୍ଯ୍ୟଦକ୍ଷତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ ହୋଇଛି।

# ମହାଲକ୍ଷ୍ମୀଙ୍କ ଭସାଣ ଉତ୍ସବ



ଚାରିଛକ,୧୮।୧୨(ସମିସ):

ଚାରିଛକସ୍ଥିତ ଦୈନିକ ହାଟରେ ଗତ ୫ଦିନ ଧରି ପୂଜା ପାଉଥିବା ମହାଲକ୍ଷ୍ମୀଙ୍କ ଭସାଣ ଉତ୍ସବ ବୁଧବାର ପାଳିତ ହୋଇଯାଇଛି। ବ୍ୟବସାୟୀ ବନ୍ଧୁମାନେ ଏକ ସୁସଜ୍ଜିତ ଗାଡିରେ ମା' ଲକ୍ଷ୍ମୀଙ୍କୁ ବସାଇ ଚାରିଛକ ବଜାର ପରିକ୍ରମା କରିବା ସହ ଲୋକବାଦ୍ୟ ଘଣ୍ଟ, ମାଦଳ ବଜାଇ ଆତସ ବାଜି ଫୁଟାଇ ନିକଟସ୍ଥ ପ୍ରାଚୀ ନଦୀ ଚନ୍ଦ୍ରମଉଳୀ ଘାଟରେ ବିସର୍ଜନ କରିଥିଲେ। ଏଥିରେ ଦୈନିକ ପରିବା ହାଟର ସଭାପତି ଗୌରାଙ୍ଗ ପରିଡା, ଉପ-ସଭାପତି ବ୍ରଜବନ୍ଧୁ ଦାଶ, ସମ୍ପାଦକ ଚିତ୍ତରଞ୍ଜନ ପୃଷ୍ଟି, ସହ-ସମ୍ପାଦକ କୈଳାସ ମଳିକ, କୋଷାଧ୍ୟକ୍ଷ ଭରତ ପରିଡା, ଉପଦେଷ୍ଟା ପ୍ରଫୁଲ୍ଲ ସାହୁ, ଚନ୍ଦନ ଲେଙ୍କା, ସଞ୍ଜୟ ପରିଡା, ପ୍ରକାଶ ସ୍ୱାଇଁ, ଗଗନ ମଲ୍ଲିକ, ଗଣେଶ ଖୁଣ୍ଟିଆ, ଚନ୍ଦନ ଲେଙ୍କା, ହରି ବେହେରା, ଅରକ୍ଷୀତ ସାହୁ, ଭୀମସେନ ସାହୁ, କାଳନ୍ଦୀ ସାହୁ, ରବୀନ୍ଦ୍ର ସାହୁ ଓ ହାଟ ପରିଚାଳକ ଶିଶିର କୁମାର ନାୟକଙ୍କ ସମେତ ସମସ୍ତ ବ୍ୟବସାୟୀମାନେ ସହଯୋଗ କରିଥିଲେ।

# ନିମାପଡା ମହାବିଦ୍ୟାଳୟ ୧୯୮୨ ବ୍ୟାଚ୍ ସ୍ନାତକଙ୍କ ବନ୍ଧୁମିଳନ

ନିମାପଡା,୧୮।୧୨(ସମିସ):



ନିମାପଡା ମହାବିଦ୍ୟାଳୟର ୧୯୮୨ ବ୍ୟାଚ ସ୍ନାତକ ଡିଗ୍ରୀ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ ଉତ୍ସବ କୋଣାର୍କ ରାମଚଣ୍ଡୀସ୍ଥିତ ନୌକାବିହାର ନିକଟରେ ଅନୁଷ୍ଠିତ ହୋଇଯାଇଛି । ପୁରାତନ ସାଥି ପର୍ଶୁରାମ ମହାପାତ୍ରଙ୍କ ଦ୍ୱାରା ଆୟୋଜିତ ବନ୍ଧୁମିଳନ ଉତ୍ସବରେ ଭାଗ୍ୟଧର ପ୍ରଧାନ, ନିରଞ୍ଜନ ପଣ୍ଡା, ଅକ୍ଷୟ କାନୁନ୍‌ଗୋ, ତପନ କୁମାର ପଟ୍ଟନାୟକ, ପୂର୍ଣ୍ଣଚନ୍ଦ୍ର ଓଝା, ରଣଜିତ ସାହୁ, ପ୍ରମୋଦ ରାୟ, ବିଚିତ୍ରାନନ୍ଦ ପାତ୍ର, ପ୍ରବୀଣା ମହାପାତ୍ର, ରଶ୍ମୀ ମହାନ୍ତି, ସ୍ନେହଲତା ବେହେରାଙ୍କ ସମେତ ୨୦ରୁ ଉର୍ଦ୍ଧ୍ୱ ସାଥି ଦୀର୍ଘଦିନ ପରେ ଏକତ୍ରିତ ହେବାପରେ ଅତୀତର ସ୍ମୃତିକୁ ମନେ ପକାଇବା ସହିତ ଭାବର ଆଦାନ ପ୍ରଦାନ ସହ ଭାବ ବିହ୍ୱଳ ହୋଇ ପଡିଥିଲେ। ଆସନ୍ତା ବର୍ଷ ଏହି ବନ୍ଧୁମିଳନ ଉତ୍ସବକୁ ଆହୁରି ସରସ ସୁନ୍ଦର କରିବାକୁ ସମସ୍ତ ସାଥିମାନେ ଆୟୋଜକ ମାନଙ୍କୁ ଅନୁରୋଧ କରିଥିଲେ।

# ଅଙ୍ଗନବାଡ଼ିକୁ ଅଣ୍ଡା ଚିନ୍ତା

ନୟାହାଟ,୧୮।୧୨(ସମିସ): ସାରା ରାଜ୍ୟରେ କ୍ରମାଗତ ଭାବେ ଅଣ୍ଡା ଦର ବୃଦ୍ଧି ପାଇଥିବା ବେଳେ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ହେଉ କି ଅଙ୍ଗନବାଡ଼ିରେ ଶିଶୁ ମାନଙ୍କୁ ଅଣ୍ଡା ଯୋଗାଣ ଉପରେ ପ୍ରଭାବ ପକାଇଛି। ଗୋପ ବ୍ଲକ ଅନ୍ତର୍ଗତ ନୟାହାଟ ଅଞ୍ଚଳର ଛଅଟି ପଞ୍ଚାୟତରେ ୭୪ଟି ଅଙ୍ଗନବାଡ଼ି କେନ୍ଦ୍ର ଅଛି। ଏହି କେନ୍ଦ୍ର ମାନଙ୍କରେ ଗର୍ଭବତୀ ମହିଳା ଓ ଶିଶୁ ମାନଙ୍କ ପୋଷଣ ପାଇଁ ସରକାର ପକ୍ଷରୁ ଅଣ୍ଡା ଦିଆଯିବାର ବ୍ୟବସ୍ଥା ରହିଛି। ତେବେ ଅଣ୍ଡାର ଦରବୃଦ୍ଧି ଯୋଗୁ ଅଙ୍ଗନବାଡ଼ି ଦିଦିଙ୍କ ଚିନ୍ତା ବଢାଇ ଦେଇଛି। ସରକାରୀ ଭାବେ ଗୋଟିଏ ଅଣ୍ଡାକୁ ୫.୫୦ ପଇସା ମିଳୁଥିବା ବେଳେ ବର୍ତ୍ତମାନ ବଜାରରେ ଅଣ୍ଡା ଗୋଟାକୁ ୯ ଟଙ୍କାରେ ବିକ୍ରି ହେଉଛି। ଶିଶୁ ମାନଙ୍କ ପାଇଁ ଖାଦ୍ୟ ବାବଦରେ ୬ଟଙ୍କା ୪୦ ପଇସା ଖର୍ଚ୍ଚ ଧାର୍ଯ୍ୟ କରାଯାଇଥିବା ସେମାନଙ୍କୁ ଅଣ୍ଡା ସହିତ ଖାଦ୍ୟ ଦେବାରେ ଅଙ୍ଗନବାଡ଼ି ଦିଦିମାନେ କ୍ଷତି ସହୁଛନ୍ତି। ଏହାକୁ ନେଇ ନୟାହାଟ ଅଞ୍ଚଳର ଅଙ୍ଗନବାଡ଼ି କର୍ମୀ ମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଅଲ୍ ଓଡିଶା ଅଙ୍ଗନବାଡ଼ି କର୍ମୀ ସଂଘ ପକ୍ଷରୁ ଜିଲ୍ଲାପାଳ ଓ ସିଡ଼ିପିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ବିଭାଗୀୟ ଅଧିକାରୀମାନେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ସଙ୍ଘ ପକ୍ଷରୁ ଅନୁରୋଧ କରାଯାଇଛି ।

# ସତ୍ୟବାଦୀ ହାଇସ୍କୁଲ ଛାତ୍ର ସୌମ୍ୟରଞ୍ଜନ ରାଜ୍ୟସ୍ତରକୁ ମନୋନୀତ



ସାକ୍ଷୀଗୋପାଳ,୧୮ ।୧୨(ସମିସ): ଜିଲାସ୍ତରରେ ଅନୁଷ୍ଠିତ ବାଲ ବୈଜ୍ଞାନିକ ବିଜ୍ଞାନ ମେଳାରେ ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟର ୯ମ ଶ୍ରେଣୀ ଛାତ୍ର ସୌମ୍ୟରଞ୍ଜନ ମହାନ୍ତିଙ୍କ ପ୍ରକଳ୍ପ ରାଜ୍ୟ ସ୍ତରକୁ ମନୋନୀତ ହୋଇଛି। ଏନେଇ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହିତ ତାଙ୍କ ଗାଇଡ଼ ଶିକ୍ଷୟିତ୍ରୀ ଓ ପରିବାର ଲୋକେ ଖୁସି ବ୍ୟକ୍ତ କରିଛନ୍ତି। ସୌମ୍ୟରଞ୍ଜନ ବର୍ଜ୍ୟବସ୍ତୁରୁ ବିଜୁଳି ଉତ୍ପାଦନ କରିବାକୁ ନେଇ ପ୍ରକଳ୍ପ ପ୍ରସ୍ତୁତ କରିଛନ୍ତି। ତାଙ୍କ ପ୍ରକଳ୍ପ ରାଜ୍ୟସ୍ତରକୁ ମନୋନୀତ ହୋଇଥିବାରୁ ଗାଇଡ ଶିକ୍ଷୟିତ୍ରୀ ପୂଜା ମିଶ୍ର ଓ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ବୈଜୟନ୍ତୀ ମିଶ୍ର ଖୁସି ପ୍ରକଟ କରିଛନ୍ତି। ୧୮ ତାରିଖରୁ ତିନି ଦିନ ଧରି ବରଗଡ଼ ଠାରେ ରାଜ୍ୟସ୍ତରୀୟ ବିଜ୍ଞାନମେଳା ପ୍ରତିଯୋଗିତା ଅନୁଷ୍ଠିତ ହେବ।

# ବ୍ରାଉନସୁଗର ଜବତ; ୩ ଗିରଫ

ବଳଙ୍ଗା,୧୮।୧୨(ସମିସ): ବଳଙ୍ଗା ଥାନା ଅନ୍ତର୍ଗତ ଦଣ୍ଡିପୁର ଛକରେ ବ୍ରାଉନସୁଗର ବିକ୍ରି ଅଭିଯୋଗରେ ବୁଧବାର ପୁଲିସ ପକ୍ଷରୁ ଚଢଉ କରାଯାଇ ଜଣେ ଅଭିଯୁକ୍ତକୁ ଗିରଫ କରିବା ସହ ତା ନିକଟରୁ ୧୬ଗ୍ରାମ ବ୍ରାଉନ ସୁଗର ଜବତ କରିଛି। ଗିରଫ ଅଭିଯୁକ୍ତ ହେଲେ ପୁରୀ କୁମ୍ଭାରପଡା ଥାନା ବଳିପୁର ରାମଚଣ୍ଡି ସାହିର ଅଜୟ ବାରିକ ଓରଫ କାଲୁ (୩୫)। ଥାନାରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତ ଅଜୟକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସୂଚନା ମୁତାବକ ବୁଧବାର ପୂର୍ବାହ୍ନରେ ଦଣ୍ଡିପୁର ଛକରେ ଅଭିଯୁକ୍ତ ଅଜୟ ବ୍ରାଉନ ସୁଗର ବେପାର ପାଇଁ ଗ୍ରାହକ ଅପେକ୍ଷାରେ ରହିଥିବା ନେଇ ବଳଙ୍ଗା ଥାନା ଏସଆଇ କେଦାର ଚନ୍ଦ୍ର ଦୋରାଙ୍କୁ ସୂଚନା ମିଳିଥିଲା। ଶ୍ରୀ ଦୋରାଙ୍କ ନେତୃତ୍ୱରେ ଥାନା ଏଏସଆଇ ପ୍ରଶାନ୍ତ କୁମାର ବେହେରା, ହାବିଲଦାର ବିଷ୍ଣୁଚରଣ ସ୍ୱାଇଁ, ରବିନ୍ଦ୍ର ଖଠୋଇ, ଦିବାକର ସେଠୀ ପ୍ରମୁଖ ସାମିଲ ହୋଇ ଦଣ୍ଡୀପୁର ଛକରେ ଜଗି ରହିଥିଲେ। ପୁଲିସ ଟିମକୁ ଦେଖି ଅଜୟ ଖସିଯିବାକୁ ଉଦ୍ୟମ କରିବାରେ ପୁଲିସ ତାକୁ କାବୁ କରି ତା' ନିକଟରୁ ବ୍ରାଉନସୁଗର ଜବତ କରିଥିଲା।

# କଇଁଛ ସୁରକ୍ଷା ପାଇଁ ବନ ବିଭାଗର ତତ୍ପରତା

କୃଷ୍ଣପ୍ରସାଦ,୧୮।୧୨(ସମିସ): ବିରଳ ପ୍ରଜାତିର ସାମୁଦ୍ରିକ କଇଁଛ ଅଲିଭ ରିଡଲେଙ୍କ ସୁରକ୍ଷିତ ଅଣ୍ଡା ଦାନ ପାଇଁ ଚିଲିକା ବନ୍ୟପ୍ରାଣୀ ବନଖଣ୍ଡ ବାଲୁଗାଁ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ବନଖଣ୍ଡ ଅଧିନରେ ଥିବା ସାତପଡ଼ା ବନ୍ୟପ୍ରାଣୀ ବନାଞ୍ଚଳ ପକ୍ଷରୁ ଅରଖକୁଦା, ରାମଭରତିଆ, ରାଜହଂସଠାରେ କଇଁଛ ମାନଙ୍କ ସୁରକ୍ଷା ନିମନ୍ତେ ସ୍ୱତନ୍ତ୍ର ଶିବିର କରାଯାଇଛି। ଏଥି ନିମନ୍ତେ ପ୍ରତି ଶିବିରରେ ବନ କର୍ମଚାରୀ ସମେତ ୫ ଜଣ ଲେଖାଏଁ ସୁରକ୍ଷା କର୍ମୀ ନିୟୋଜିତ ହୋଇଛନ୍ତି। ସମୁଦ୍ର ନିଷିଦ୍ଧାଞ୍ଚଳ ଅବାଧ ପ୍ରବେଶ ଉପରେ କଡା ନଜର ରଖାଯିବା ସହ ଉପକୂଳରେ ବସବାସ କରୁଥିବା ମତ୍ସ୍ୟଜୀବୀମାନଙ୍କୁ କଇଁଛ ଓ ଶାବକ ମାନଙ୍କ ସୁରକ୍ଷା ଦିଗରେ ସଚେତନତା କରାଯାଉଛି। ସାତପଡ଼ା ବନାଞ୍ଚଳ ଅଧିକାରୀ ଶରତ ଜାନିଙ୍କ ନେତୃତ୍ୱରେ ବନପାଳ ଦୁର୍ଗା ଚରଣ ଟୁଡୁ, ରଜନୀକାନ୍ତ ଲେଙ୍କା, ଅନିଲ ଲେଙ୍କା, ସୁଜିତ ବେହେରା ଓ ସୁରକ୍ଷା କର୍ମୀ ସମୁଦ୍ର ତଟଦେଶରେ ଅଲିଭରିଡ଼ଲେଙ୍କ ସୁରକ୍ଷା ଦିଗରେ ତୀକ୍ଷ୍ଣ ଦୃଷ୍ଟି ରଖିଥିବା ଜଣାପଡିଛି।

# ଇଟାଭାଟି ଯୋଗୁଁ ବଢୁଛି ତାପମାତ୍ରା ଓ ବାୟୁ ପ୍ରଦୂଷଣ



ଅସ୍ତରଙ୍ଗ,୧୮।୧୨(ସମିସ): ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ଦିନକୁ ଦିନ ବେଆଇନ ଭାବେ ଇଟାଭାଟି ଗଢ଼ି ଉଠୁଛି। ସେଥିରୁ ବାହାରୁ ଥିବା ଧୂଆଁ ଏବଂ ଉତ୍ତାପ କାରଣରୁ ସାରା ଅଞ୍ଚଳ ପ୍ରଭାବିତ ହେଉଛି। ଏମିତି କି ସ୍କୁଲ କଲେଜ ନିକଟରେ ହଜାର ହଜାର ଇଟା ପୋଡା ହେବା କାରଣରୁ ଛାତ୍ର ଛାତ୍ରୀ, ରୋଗୀ, ବୃଦ୍ଧ ବୃଦ୍ଧା ବାୟୁ ପ୍ରଦୂଷଣ କାରଣରୁ କଲବଲ ହେଉଛନ୍ତି। ଏହି ଇଟା ଭାଟି ଉଭୟ ବ୍ୟକ୍ତିଗତ ଓ ସରକାରୀ ଜମିରେ ହୋଇଛି। ଭାଟିରେ ବାହାର ଶ୍ରମିକମାନେ ନିୟୋଜିତ ହୋଇ କାମ କରୁଥିବା ବେଳେ ତାଙ୍କ ଉପରେ କାହାର ନଜର ନାହିଁ। ଇଟାଭାଟି ଯୋଗୁ ବାୟୁମଣ୍ଡଳ ପ୍ରଦୂଷଣ ହେଉଛି। ଏ ଦିଗରେ ସ୍ଥାନୀୟ ପ୍ରଶାସନ ବେଆଇନ ଇଟା ଭାଟି ଉପରେ ରୋକ ଲଗାଇବାକୁ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।

୧୮/୧୨/୨୦୨୪ (ବୁଧବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୩,୮୮,୩୩୬/- ସୁନା: ୦୧.୬୯୦ ଗ୍ରାମ୍ ରୁପା: ୦୫.୦୦୦ ଗ୍ରାମ୍



## ସାବୁନ ତିଆରି କାରଖାନାରେ ଅଗ୍ନିକାଣ୍ଡ

# ୧୨ କୋଠରି ଜଳିଗଲା, ସାମଗ୍ରୀ ପୋଡ଼ି ପାଉଁଶ



ଦୁଇଘଣ୍ଟା ପରିଶ୍ରମ ପରେ ନିଆଁ ଆୟତ୍ତ

ପୁରୀ, ୧୮।୧୨(ସମିସ): ପୁରୀରେ ବୁଧବାର ଏକ ବଡ଼ ଧରଣର ଅଗ୍ନିକାଣ୍ଡ ଘଟିଛି। ମଙ୍ଗଳଘାଟସ୍ଥିତ ଏକ ସାବୁନ ତିଆରି କାରଖାନାରେ ନିଆଁ ଲାଗି ୧୨ ବଖରା ଘର ସହ ସମସ୍ତ ଆସବାବପତ୍ର ପୋଡି ପାଉଁଶ ହୋଇଯାଇଛି। ବିଦ୍ୟୁତ୍ ସଟ୍ ସର୍କିଟ ଯୋଗୁଁ ଅଗ୍ନିକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି। ଏହି ଅଗ୍ନିକାଣ୍ଡରେ ପ୍ରାୟ ୮ ଲକ୍ଷ ଟଙ୍କାର ସମ୍ପତ୍ତି ପୋଡ଼ି ପାଉଁଶ ହୋଇଯାଇଥିବା କହିଛନ୍ତି କାରଖାନାର ମାଲିକ।

ପୂର୍ବାହ୍ନ ୧୧ଟା ୪୫ରେ ହଠାତ୍ ସାବୁନ ଫ୍ୟାକ୍ଟ୍ରି ପରିସରରେ ନିଆଁ ଜଳୁଥିବା ଦେଖି ସ୍ଥାନୀୟ ଲୋକେ ଓ ଫ୍ୟାକ୍ଟ୍ରି ମାଲିକ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ସଙ୍ଗେ ସଙ୍ଗେ ପୁରୀ ଅଗ୍ନିଶମ କେନ୍ଦ୍ର ସହ ଶ୍ରୀଜଗନ୍ନାଥ ଅଗ୍ନିଶମ କେନ୍ଦ୍ରର ଦମକଳ ଗାଡି ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ଉଦ୍ୟମ କରିଥିଲେ। ତେବେ ଅଗ୍ନିଶମ କେନ୍ଦ୍ରର ଦମକଳ ଗାଡି ପହଞ୍ଚିବା ବେଳକୁ ପ୍ରାୟ ୭୫ ପ୍ରତିଶତ ପୋଡି ଯାଇଥିବା ପ୍ରତ୍ୟକ୍ଷଦର୍ଶୀ ଓ ସ୍ଥାନୀୟ ବାସିନ୍ଦା କହିଛନ୍ତି। ପୁରୀ-ବ୍ରହ୍ମଗିରି ରାସ୍ତାର ମଙ୍ଗଳାଘାଟ-ପାଇକ ସାହିକୁ ସଂଯୋଗ କରୁଥିବା ରାସ୍ତା ପାର୍ଶ୍ୱରେ ରହିଥିବା ରବୀନ୍ଦ୍ର ଚୌଧୁରୀଙ୍କ ସାବୁନ ଫ୍ୟାକ୍ଟ୍ରିରେ ଏହି ଅଗ୍ନିକାଣ୍ଡ ଘଟିଥିଲା। ଏଠାରେ ସାବୁନ ସହ ଝାଡୁ ମଧ ତିଆରି ହେଉଥିଲା। କାରଖାନାରେ ସାବୁନ ତିଆରି ପାଇଁ ରହିଥିଲା ବହୁ କେମିକାଲସ ଭର୍ତ୍ତି ଟିଣ। ଏଥିସହିତ ଝାଡୁ ତିଆରି ବେଣ୍ଟ ମଧ ରହିଥିଲା। ନିକଟରେ ଅନ୍ୟ ଏକ ଜାଗାରେ ଘିଅ ଷ୍ଟକ୍ ମଧ ରହିଥିଲା। ଏହି ଫ୍ୟାକ୍ଟ୍ରିରେ ୱାସିଙ୍ଗ ସାବୁନ ପ୍ରସ୍ତୁତ ହେଉଥିଲା। ୱାସିଙ୍ଗ ସାବୁନ ପାଇଁ ବ୍ୟବହୃତ ନନ ଏଡିବୁଲ୍ ବା ଅଖାଦ୍ୟ ତେଲ ଗୁଡ଼ିକ ନିଆଁକୁ ଉଗ୍ର କରିବାରେ କାରଣ ସାଜିଥିଲା। ଏଥିସହ କଷ୍ଟିକ ସୋଡା, ସୋଡିୟମ ସିଲିକେଟ, ପଲିଥିନ, ପ୍ଲାଷ୍ଟିକ ପାଇପ ଆଦି ରହିଥିଲା। ଫଳରେ ନିଆଁ ସହଜରେ ଧରି ଖୁବ୍ କମ୍ ସମୟ ମଧରେ ଗୋଦାମ ସମେତ ସବୁ କୋଠରିକୁ ବ୍ୟାପି ଯାଇଥିଲା। ସେତେବେଳେ ୧୦/୧୨ ଜଣ କର୍ମଚାରୀ କାର୍ଯ୍ୟ କରୁଥିଲେ। ନିଆଁ ଲାଗିବା ଦେଖି ସେମାନେ ଜୀବନ ବଞ୍ଚାଇବାକୁ ବାହାରକୁ ପଳାଇ ଆସିବା ସହ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିକାଣ୍ଡ ଯୋଗୁଁ ଗୋଦାମ ସହ ୧୨ଟି କୋଠରି ଓ ଏହା ମଧରେ ଥିବା ସବୁ ସାମଗ୍ରୀ ଜଳି ପୋଡି ପାଉଁଶ ହୋଇଯାଇଛି। ଅଗ୍ନିକାଣ୍ଡର ତୀବ୍ରତା ଏତେ ଥିଲା ଯେ କାନ୍ଥ ଫାଟିଯିବା ସହ ଟିଣଗୁଡିକରେ କଳା ଆସ୍ତରଣ ପଡ଼ିଯାଇଛି।

ଅଗ୍ନିକାଣ୍ଡ ସମ୍ପର୍କରେ ମାଲିକ ଶ୍ରୀ ଚୌଧୁରୀ କହିଛନ୍ତି, ହଠାତ୍ ବନ୍ଦ ଥିବା ରୁମ୍ ଭିତରୁ ଶବ୍ଦ ହେବାରୁ ସେ ଦେଖିବାରେ ନିଆଁ ଲାଗିଥିବା ଜାଣିବାକୁ ପାଇଥିଲେ। ସଙ୍ଗେ ସଙ୍ଗେ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନି ନିରାପତ୍ତା ବ୍ୟବସ୍ଥା ଥିଲେ ମଧ ତେଲ ଓ ପ୍ଲାଷ୍ଟିକ ଯୋଗୁଁ ନିଆଁ ବ୍ୟାପିଥିବା କହିଛନ୍ତି ଶ୍ରୀ ଚୌଧୁରୀ। ତେଲ, କଷ୍ଟିକ ସୋଡା, ସୋଡିୟମ ସିଲିକେଟ, ପଲିଥିନ, ପ୍ଲାଷ୍ଟିକ ପାଇପ ଥିବାରୁ ନିଆଁ ଲିଭାଇବା ବଡ଼ ଚ୍ୟାଲେଞ୍ଜ ଥିଲା ବୋଲି ଅଗ୍ନିଶମ ଅଧିକାରୀ ପ୍ରଭାତ କୁମାର ରାଉତ କହିଛନ୍ତି। ଅନ୍ୟପକ୍ଷରେ ଏହି ଅଗ୍ନିକାଣ୍ଡ ବିଦ୍ୟୁତ ସଟ୍ ସର୍କିଟ ଯୋଗୁଁ ହୋଇଛି ନା ଏହା ପଛରେ ମନୁଷ୍ୟକୃତ କାରଣ ରହିଛି ତାହା ତଦନ୍ତ ହେବା ଆବଶ୍ୟକ। ଏଥିସହ ଲଘୁ ଓ ମାଧମ ଉଦ୍ୟୋଗଗୁଡିକ ଅଗ୍ନି ନିରାପତ୍ତା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ଦରକାର ବୋଲି କହିଛନ୍ତି ବୁଦ୍ଧିଜୀବୀ।

### ଶ୍ରୀମନ୍ଦିରରେ ହେଲା ଦିବା ପହୁଡ଼

## ଦିନରେ ୨ଘଣ୍ଟା ୧୫ ମିନିଟ୍ ଶୋଇଲେ ଠାକୁର

ପୁରୀ, ୧୮।୧୨(ସମିସ): ଶ୍ରୀମନ୍ଦିରରେ ବୁଧବାର ଦିବା ପହୁଡ଼ ନୀତି ସମ୍ପନ୍ନ ହୋଇଛି। ଅପରାହ୍ନ ୨ଟା ୫୦ରେ ପହୁଡ଼ ହୋଇ ୫ଟା ୫ରେ ଦ୍ୱାର ଫିଟା ଯାଇଥିଲା। ଫଳରେ ମହାପ୍ରଭୁ ଦିନରେ ୨ ଘଣ୍ଟା ୧୫ ମିନିଟ୍ ଶୋଇଥିଲେ। ଏହି ସମୟରେ ଦର୍ଶନ ବନ୍ଦ ରହିଥିଲା। ଶ୍ରୀମନ୍ଦିରରେ ଠାକୁରଙ୍କ ଦିବା ପହୁଡ଼ ନୀତି ରହିଛି। କିନ୍ତୁ କୌଣସି କାରଣକୁ ନେଇ ଯଦି ନୀତିକାନ୍ତି ବିଳମ୍ବ ହୁଏ କିମ୍ବା ଭକ୍ତଙ୍କ ଅଧିକ ଗହଳି ଥାଏ ତେବେ ଦିବା ପହୁଡ଼ ହୋଇ ନ ଥାଏ। ପହିଲି ଭୋଗ ମାସରେ ଦୈନିକ ଦିବା ପହୁଡ଼ ହେବା କଥା। କିନ୍ତୁ ଏହି ମାସରେ ଦର୍ଶନାର୍ଥୀଙ୍କ ଅତ୍ୟଧିକ ଭିଡ ସାଙ୍ଗକୁ ରତ୍ନଭଣ୍ଡାର ଗୃହ ମରାମତି ପାଇଁ ସମୟ ଆବଶ୍ୟକ ହେଉଥିବାରୁ ଦୈନିକ ଦିବା ପହୁଡ଼ କରା ନ ଯାଇ କେବଳ ପରମ୍ପରାର ପ୍ରତୀକ ସ୍ୱରୂପ ଗୋଟିଏ ଦିନ ଦିବା ପହୁଡ଼ କରାଯିବାକୁ ଗତ ୧୦ ତାରିଖରେ ଅନୁଷ୍ଠିତ ଛତିଶା ନିଯୋଗ ବୈଠକରେ ନିଷ୍ପତ୍ତି ହୋଇଥିଲା। ଏହି ପରିପ୍ରେକ୍ଷୀରେ ବୁଧବାର ଦିବା ପହୁଡ଼ କରାଯାଇଥିଲା।

### ଭିତରକାଠରେ ଛେପ

## ମହାପ୍ରଭୁଙ୍କର ହେଲା ବଡ଼ ମହାସ୍ନାନ

ପୁରୀ, ୧୮।୧୨(ସମିସ): ଶ୍ରୀମନ୍ଦିରରେ ମହାପ୍ରଭୁଙ୍କର ହୋଇଛି ବଡ଼ ମହାସ୍ନାନ। ଭିତରକାଠରେ ଛେପ ପଡ଼ିଥିବାରୁ ବଡ଼ ମହାସ୍ନାନ କରାଯାଇଛି। ଏହି ସ୍ୱତନ୍ତ୍ର ମହାସ୍ନାନ ପୂଜା ପାଇଁ ନୀତିକାନ୍ତିରେ ପ୍ରାୟ ଦେଢଘଣ୍ଟା ବିଳମ୍ବ ହୋଇଛି। ପହିଲି ଭୋଗ ଚାଲିଥିବା ବେଳେ ବୁଧବାର ରାତି ୩ଟାରେ ଦ୍ୱାର ଫିଟିଥିଲା। ୩ଟା ୫୦ରେ ମଙ୍ଗଳ ଆଳତି ବଡ଼ି ଅନ୍ୟାନ୍ୟ ନୀତି ଚାଲିଥିଲା। ଅପରାହ୍ନ ୨ଟା ୫୦ରେ ଦିବା ପହୁଡ଼ ହୋଇ ଅପରାହ୍ନ ୫ଟା ୫ରେ ଦ୍ୱାର ଫିଟିଥିଲା। ଏହାପରେ ଭକ୍ତମାନେ ଭିତର କାଠକୁ ଯାଇ ଦର୍ଶନ କରୁଥିଲେ। ଏହି ସମୟରେ ଭିତରକାଠରେ ଖଙ୍କାର ପଡ଼ିଥିବା ଦେଖିବାକୁ ମିଳିଥିଲା। ଏହାପରେ ସେହିଠାରେ ନୀତି ଅଟକା ଯାଇ ମହାସ୍ନାନ ପାଇଁ ଆରମ୍ଭ ହୋଇଥିଲା ପ୍ରକ୍ରିୟା। ରତ୍ନସିଂହାସନଠାରୁ ଜୟ ବିଜୟ ଦ୍ୱାର ପର୍ଯ୍ୟନ୍ତ ଧୂଆ ହୋଇ ଚୂନପାଣି ପଡ଼ିଥିଲା। ରାତି ୮ଟାରେ ପୂଜାପଣ୍ଡା ସେବକମାନେ ମହାସ୍ନାନ ପୂଜା କରିଥିଲେ। ୮ଟା ୫ରେ ମହାସ୍ନାନ ବଢ଼ିବା ପରେ ପୁନଶ୍ଚ ଯେଉଁଠି ନୀତି ଆରମ୍ଭ ହୋଇଥିଲା। ଏହି ମହାସ୍ନାନ ପାଇଁ ଦର୍ଶନ ବନ୍ଦ ରହିଥିଲା। ଫଳରେ ଘଣ୍ଟାଏରୁ ଊର୍ଦ୍ଧ୍ୱ ନୀତିକାନ୍ତିରେ ବିଳମ୍ବ ହୋଇଥିଲା।

## ବିପୁଳ ପରିମାଣର ନକଲି ଜର୍ଦ୍ଦା ଜବତ; ୩ ଅଟକ



ପୁରୀ, ୧୮।୧୨(ସମିସ): ସତ୍ୟବାଦୀ ବଜାରରେ ଥିବା ବିଭିନ୍ନ ପାନ ମସଲା ହୋଲସେଲିଂ ଗୋଦାମରେ ଚଢଉ କରାଯାଇ ବିପୁଳ ପରିମାଣର ନକଲି ଜର୍ଦ୍ଦା ଜବତ କରାଯାଇଛି। ଏହି ଘଟଣାରେ ସତ୍ୟବାଦୀ ଥାନା ପୁଲିସ ୩ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ସତ୍ୟବାଦୀ ଆଇଆଇସି ବିଜୟକେତନ ବେହେରାଙ୍କ ନିର୍ଦ୍ଦେଶ କ୍ରମେ ପୁଲିସର ସ୍ୱତନ୍ତ୍ର ଟିମ୍ ଓ ଦିଲ୍ଲୀରୁ ଆସିଥିବା ତିଲକ୍ସ କମ୍ପାନୀର ଅଧିକାରୀମାନେ ବୁଧବାର ସତ୍ୟବାଦୀ ବଜାରର ବିଭିନ୍ନ ପାନ ମସଲା ହୋଲ୍‌ସେଲିଂ ଗୋଦାମରେ ଚଢାଉ କରିଥିଲେ। ସେଠାରୁ ବିପୁଳ ପରିମାଣର ନକଲି ଜର୍ଦ୍ଦା ଜବତ କରିଛନ୍ତି। ଦିଲ୍ଲୀରୁ ଆସିଥିବା ତିଲକ୍ସ କମ୍ପାନୀର ଅଧିକାରୀ କୈଳାସ ଚନ୍ଦ୍ର ସ୍ୱାଇଁ କହିଛନ୍ତି, ଦୀର୍ଘଦିନ ହେବ ସତ୍ୟବାଦୀରେ କିଛି ବ୍ୟବସାୟୀ ତିଲକ୍ସ କମ୍ପାନୀ ନାମରେ ନକଲି ଜର୍ଦ୍ଦାକୁ ଚଢା ଦାମ୍‌ରେ ବିକ୍ରୟ କରୁଥିଲେ। ଏ ନେଇ ଅଭିଯୋଗ ପରେ ଏହି ଚଢଉ କରାଯାଇଛି। ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏ ନେଇ ସତ୍ୟବାଦୀ ଆଇଆଇସି ଶ୍ରୀ ବେହେରା କହିଛନ୍ତି, ପୁରୀ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଏହି ଚଢଉ କରାଯାଇଛି। ୩ ଜଣଙ୍କୁ ଅଟକ ରଖାଯାଇ ପଚରାଉଚରା କରାଯାଉଛି। ଖୁବ୍‌ଶୀଘ୍ର ଅନ୍ୟମାନଙ୍କୁ ମଧ ଧରାଯିବ। ଏହି ଚଢଉ ବେଳେ ତିଲକ୍ସ କମ୍ପାନୀର ଅଧିକାରୀ ଶ୍ରୀ ସ୍ୱାଇଁଙ୍କ ସମେତ ଅନ୍ୟ ତିନୋଟି ଟିମ୍‌ରେ ୯ ଜଣ ଓ ସତ୍ୟବାଦୀ ପୁଲିସ ପକ୍ଷରୁ ପ୍ରିୟତମା ପ୍ରଧାନ, କୈଳାସ ଚୌହାନ, ରମାକାନ୍ତ ସାହୁ, ସଂଗ୍ରାମ କେଶରୀ ସ୍ୱାଇଁ ପ୍ରମୁଖ ସାମିଲ ଥିଲେ।

## କବିଙ୍କ ପତ୍ନୀ ବିୟୋଗ, ସାହିତ୍ୟିକ ମହଲରେ ଶୋକ

ପୁରୀ, ୧୮।୧୨(ସମିସ): ସାରସ୍ୱତ ଅନୁଷ୍ଠାନ ଶ୍ରୀପର୍ଣ୍ଣାର ସମ୍ପାଦକ କବି ଉମାକାନ୍ତ ମହାପାତ୍ରଙ୍କ ପତ୍ନୀ ସାବିତ୍ରୀ ମହାପାତ୍ର(୫୨)ଙ୍କର ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ସେ ବିଗତ ୮ମାସ ଧରି ଯକୃତ ରୋଗରେ ପୀଡିତ ଥିଲେ। ସାବିତ୍ରୀ ଜଣେ ଅମାୟିକ ଆଚରଣସମ୍ପନ୍ନ ପରୋପକାରୀ ମହିଳା ଥିଲେ। ଗତ ୧୬ ତାରିଖ ସନ୍ଧ୍ୟାରେ ତାଙ୍କର ବିୟୋଗ ହୋଇଛି। ଏହା ଜଣାପଡ଼ିବା ପରେ ବଳିଆପଣ୍ଡା ସିପସୁରୁବାଲିସ୍ଥିତ ଉମାକାନ୍ତଙ୍କ ବାସଗୃହ ନିକଟରେ ସାହିତ୍ୟିକମାନଙ୍କର ଭିଡ଼ ଜମିଥିଲା। ଶୋକାକୁଳ ପରିବେଶ ମଧରେ ସ୍ୱର୍ଗଦ୍ୱାରଠାରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ପୁତ୍ର ଶ୍ରୀକାନ୍ତ ସୁଧାକର ମହାପାତ୍ର ମୁଖାଗ୍ନି ଦେଇଥିଲେ। କବୟିତ୍ରୀ ସୁଜାତା ସିହ୍ନା, ଗୌରାଙ୍ଗ ଚରଣ ଦାସ, ବିପିନ ମହାନ୍ତି, ସ୍ୱର୍ଣ୍ଣଲତା ତ୍ରିପାଠୀ, ଚିତ୍ତରଞ୍ଜନ ବିଶ୍ୱାଳ, ଭଗବାନ ଜୟସିଂ, ବିପିନ ଦଳାଇ, ମହେଶ୍ୱର ହାତୀ, ସୁକାନ୍ତ ପଣ୍ଡା, ଶିବ ସୁନ୍ଦର ମିଶ୍ର, ପର୍ଶୁରାମ ପାତ୍ର ପ୍ରମୁଖଙ୍କ ସମେତ ବହୁ ସାହିତ୍ୟିକ ଓ ସାହିତ୍ୟାନୁରାଗୀ ଉମାକାନ୍ତଙ୍କ ବାସଭବନରେ ପହଞ୍ଚି ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି। ସାବିତ୍ରୀଙ୍କ ବିୟୋଗରେ କୋଣାର୍କ ସାହିତ୍ୟ ସଂସଦର ସଭାପତି ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ର ଓ ସମ୍ପାଦକ ରବୀନ୍ଦ୍ରନାଥ ବାହିନୀପତି ଗଭୀର ଶୋକବ୍ୟକ୍ତ କରିଛନ୍ତି।

## ଶିକ୍ଷା ଓ କୃଷିର ବିକାଶରେ ମଧୁସୂଦନ ସ୍ମରଣ ରହିବେ

ପୁରୀ, ୧୮।୧୨(ସମିସ): ପୁରୀ ଜିଲ୍ଲାର ଶିକ୍ଷା ବିକାଶ କ୍ଷେତ୍ରରେ ଶିକ୍ଷାବିତ୍ ମଧୁସୂଦନ ମିଶ୍ର ସ୍ମରଣ ରହିବେ ବୋଲି ମତ ଦେଇଛନ୍ତି ଜଗନ୍ନାଥ ବିଦ୍ୟାଧରପୁରର ଗ୍ରାମବାସୀ। ମୌଜା କମିଟି ସଦସ୍ୟଙ୍କ ଉପସ୍ଥିତରେ ସ୍ୱର୍ଗତ ମିଶ୍ରଙ୍କ ପ୍ରତିମୂର୍ତ୍ତି ଅନାବରଣ କରାଯାଇଥିଲା। ପୁରୀ ରାସ୍ତା ନିର୍ମାଣର ପ୍ରାକ୍ତନ ଇଞ୍ଜିନିୟର ତଥା ରଥ ନିର୍ମାଣ କମିଟିର ପ୍ରାକ୍ତନ ବରିଷ୍ଠ ସଦସ୍ୟ ଧର୍ମପ୍ରସାଦ ମିଶ୍ରଙ୍କ ପିତା ସ୍ୱର୍ଗତ ମଧୁସୂଦନ ମିଶ୍ର ପୁରୀର ଶିକ୍ଷା ଅଧିକାରୀ ଥିବାବେଳେ ଜିଲ୍ଲାର ଅନେକ ନୂତନ ବିଦ୍ୟାଳୟ ଆରମ୍ଭ ହେବା ସହ ଅନେକ ବିଦ୍ୟାଳୟ ନବନିର୍ମାଣ କରାଯାଇଥିଲା। ଏହାବ୍ୟତୀତ ୫୬ଟି ଗ୍ରାମର କୃଷି ବିକାଶ ପାଇଁ ୫ ହଜାର ଗ୍ରାମବାସୀଙ୍କୁ ସାଥିରେ ଧରି ତତ୍କାଳୀନ ଜିଲ୍ଲାପାଳଙ୍କ ଆଗରେ ବିକ୍ଷୋଭ କରି ପୁରୀ-ବ୍ରହ୍ମଗିରି ଅଞ୍ଚଳର ଚାଷ ଜମି ପାଇଁ ଜଳସେଚନର ବ୍ୟବସ୍ଥା କରିବା ଥିଲା ଉଲ୍ଲେଖନୀୟ। ୧୯୮୩ରେ ଦେହାନ୍ତ ହୋଇଥିବା ସ୍ୱର୍ଗତ ମିଶ୍ରଙ୍କ ପ୍ରତିମୂର୍ତ୍ତି ବୁଧବାର ଗ୍ରାମବାସୀଙ୍କ ଉପସ୍ଥିତିରେ ଉନ୍ମୋଚନ ହୋଇଥିଲା। ଏଥିରେ ସ୍ୱର୍ଗତ ମିଶ୍ରଙ୍କ ପୁତ୍ର କାଳୀପ୍ରସାଦ ମିଶ୍ର ଓ ପ୍ରାକ୍ତନ ରାଷ୍ଟ୍ରଦୂତ ମଳୟ ମିଶ୍ର, ନାତି ସାଧକ ମିଶ୍ର, ଯାଚକ ମିଶ୍ର, ନାତୁଣୀ ମହାଶ?ବେତା ମିଶ୍ର ଓ ସୁଚିସ୍ମିତା ମିଶ୍ର, ମିଶନ ଓଡ଼ିଶା ସମ୍ପାଦକ ମଧୁସୂଦନ ମିଶ୍ର, ସମାଜସେବୀ ବଦ୍ରି ମିଶ୍ର, ଚିତ୍ତରଞ୍ଜନ ପରିଡ଼ା, କାଳୀ ରଥ ଓ ରଶ୍ମୀରଞ୍ଜନ ମିଶ୍ରଙ୍କ ସମେତ ଗାଁ ମୁଖିଆମାନେ ଯୋଗଦେଇଥିଲେ।

# ବାଲୁକା କଳାରେ ବିଚ୍ ଭଲିବଲ




ପୁରୀ, ୧୮।୧୨(ସମିସ): ନୀଳାଦ୍ରି ବିଚ୍‌ଠାରେ ଷଷ୍ଠତମ ଜାତୀୟ ୧୭ ବର୍ଷରୁ କମ ବାଳକ ଓ ବାଳିକା ବିଚ୍ ଭଲିବଲ ଚାମ୍ପିଅନସିପ୍ ଚାଲିଛି। ଏହି ଅବସରରେ ଚାମ୍ପିଅନସିପ୍‌କୁ ଅଧିକ ଆକର୍ଷଣୀୟ ଓ ସ୍ମରଣୀୟ କରିବାକୁ ବିଶ୍ୱମ୍ଭର ବିଦ୍ୟାପୀଠର ବିଜ୍ଞାନ ଶିକ୍ଷକ ଆଶିଷ କୁମାର ଜେନାଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଛି ବାଲୁକା କଳା। ମୁଖ୍ୟଅତିଥି ଭାବେ ଯୋଗଦେଇ ଚାମ୍ପିଅନସିପକୁ ଉଦ୍‌ଘାଟନ କରିଥିବା ପୁରୀ ବିଧାୟକ ସୁନିଲ କୁମାର ମହାନ୍ତି ଓ ଅନ୍ୟ ଅତିଥିମାନେ ଏହି ବାଲୁକା କଳାକୁ ପରିଦର୍ଶନ କରିବା ସହ ଉଚ୍ଚକୋଟୀର କଳା ପ୍ରତିଭା ପାଇଁ ଆଶିଷଙ୍କୁ ଧନ୍ୟବାଦ ଦେଇଛନ୍ତି। ବାଲୁକା କଳାରେ ମହନ୍ତ ଗଦାଧର ଉଚ୍ଚ ବିଦ୍ୟାଳୟର କ୍ରୀଡା ଶିକ୍ଷକ ଚନ୍ଦ୍ରକାନ୍ତ ଦଳବେହେରା ଓ ସୁଖଲତା ସ୍ମୃତି ସରକାରୀ ଉଚ୍ଚ ବିଦ୍ୟାଳୟର କ୍ରୀଡା ଶିକ୍ଷକ ରବୀନ୍ଦ୍ର ବେହେରା ସହଯୋଗ କରିଥିଲେ।

## ସିପିଏସ୍‌ର ନୂତନ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ

ପୁରୀ, ୧୮।୧୨(ସମିସ): ବାଲିଗୁଆଳିସ୍ଥିତ କଲେଜ ଅଫ୍ ଫାର୍ମାସ୍ୟୁଟିକାଲ ସାଇନସେସ୍ (ସିପିଏସ୍) ମହାବିଦ୍ୟାଳୟ ନୂତନ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ୱାଗତ ସଭା ସ୍ଥାନୀୟ ପୌରସଦନଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଚେୟାରପର୍ସନ ଅନିମା ଦାସ, ଅଧକ୍ଷ ଅମୀୟକାନ୍ତ ମିଶ୍ରଙ୍କ ଅଧକ୍ଷତାରେ ଏବଂ ନିର୍ଦ୍ଦେଶକ ସନ୍ତୋଷ କୁମାର ମହାପାତ୍ର ଓ ଉପାଧକ୍ଷ ସଞ୍ଜୟ କୁମାର ନାୟକଙ୍କ ସହଯୋଗରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ପୁରୀ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ଡ. ଅରୁଣ କୁମାର ଦାସ ଏବଂ ସମ୍ମାନିତ ଅତିଥି ଭାବେ ଅନୁଷ୍ଠାନର ପରିଚାଳନା କମିଟିର ବୟୋଜ୍ୟେଷ୍ଠ ସଭ୍ୟ ଲୋକନାଥ ପାଣି ଯୋଗଦେଇ ନୂତନ ଛାତ୍ରଛାତ୍ରୀମାନଙ୍କୁ ଅଭିନନ୍ଦନ ଜଣାଇବା ସହ ଲକ୍ଷ୍ୟସ୍ଥଳରେ ପହଞ୍ଚିବାକୁ ହେଲେ କଠିନ ପରିଶ୍ରମ କରିବା ଆବଶ୍ୟକ ବୋଲି ଉପଦେଶ ଦେଇଥିଲେ।



କଲେଜର ପୁରାତନ ଛାତ୍ରଛାତ୍ରୀଙ୍କ ଦ୍ୱାରା ନୂତନ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ପୂର୍ବରୁ କରାଯାଇଥିବା କୁଇଜ୍ ଓ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବା ସହ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଅନୁଷ୍ଠାନର ଅଧ୍ୟାପିକା ସଞ୍ଚିତା ମଣ୍ଡଳ, ପ୍ରଜ୍ଞା ପରିମିତା ପ୍ରିୟଦର୍ଶିନୀ, ଦିପ୍ତିପ୍ରଜ୍ଞା ଦାସ, ସ୍ୱଦେଷ୍ଣା ମହାନ୍ତି, ସୂଚିସ୍ମିତା ସ୍ୱାଇଁ, ସୁନୀସ୍ମିତା ସାହୁ, ଅର୍ଚ୍ଚନା ଭଟ୍ଟ, ଅଧ୍ୟାପକ ଅସିତ୍ କୁମାର ଷଡ଼ଙ୍ଗୀ, ବିଶ୍ୱଜିତ୍ ପାଇକରାୟ, ତୃପ୍ତି ରଞ୍ଜନ ପାଢ଼ୀ ଓ ଅନୁପ କୁମାର ପାତ୍ର ପ୍ରମୁଖ ପରିଚାଳନା କରିଥିଲେ।

Heartfelt congratulations to 'The Sakala' on its remarkable journey of four glorious years !

Best Compliments from
JSW Utkal Steel Ltd., Paradip

## ବିପର୍ଯ୍ୟୟ ପରିଚାଳନା ମକ୍‌ଡ୍ରିଲ ପ୍ରସ୍ତୁତି ବୈଠକ

ପୁରୀ, ୧୮।୧୨(ସମିସ): ସର୍କିଟ ହାଉସ୍‌ଠାରେ ଜିଲ୍ଲା ପ୍ରଶାସନ ଓ ଏନ୍‌ଡିଆରଏଫ ମୁଣ୍ଡୁଳୀ ୩ ବାଟାଲିୟନର ମିଳିତ ସହଯୋଗରେ ହେବାକୁ ଥିବା ମକଡ୍ରିଲ ପାଇଁ ଟେବୁଲ ଟପ୍ ଏକ୍ସରସାଇଜ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ମକ୍‌ଡ୍ରିଲ ଗୁରୁବାର ପୂର୍ବାହ୍ନରେ ବୀରହରେକୃଷ୍ଣପୁର ଛକ ନିକଟସ୍ଥ ପୋଖରୀରେ କରାଯିବ ବୋଲି ସ୍ଥିର ହୋଇଛି। ଏହି କାର୍ଯ୍ୟକ୍ରମରେ ଅଧକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା ପୁରୀ ଏକ ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ଜିଲ୍ଲା ଭାବେ ପରିଗଣିତ। ବିଶେଷକରି ଜିଲ୍ଲାରେ ବନ୍ୟା, ବାତ୍ୟା ଚିର ସହଚର। ତେବେ ପାଣିରେ ବୁଡି ଘଟଣା ଅଧିକ ହେଉଥିବାରୁ ଏ ସମ୍ପର୍କରେ ବ୍ୟାପକ ସଚେତନତା ସୃଷ୍ଟି ପାଇଁ ଏନ୍‌ଡିଆରଏଫ ଟିମ୍‌କୁ ପରାମର୍ଶ ଦେଇଥିଲେ। ଏହି ମକଡ୍ରିଲରେ ବିଭିନ୍ନ ବିଭାଗର ଅଧିକାରୀ, କର୍ମଚାରୀ ଉପସ୍ଥିତ ରହି ସେମାନଙ୍କ ବିଭାଗର କାର୍ଯ୍ୟ ପରିଚାଳନାରେ ସହଯୋଗ କରିବେ ବୋଲି ସ୍ଥିର ହୋଇଛି। ଏନ୍‌ଡିଆରଏଫ ପ୍ରତିନିଧି ଅଭିଷେକ ଶର୍ମା ଓ ସନ୍ଦୀପ ସିଂ କାର୍ଯ୍ୟକ୍ରମକୁ ପରିଚାଳନା କରିବେ। ତେବେ ପ୍ରସ୍ତୁତି ବୈଠକରେ ଉପ ଜିଲ୍ଲାପାଳ ରାଜକିଶୋର ଜେନା, ଏଡିଏମ୍‌ଓ ଡା. ବିରଜା ଶଙ୍କର ରଥ, ଜରୁରୀ ବିଭାଗର ଡେପୁଟି କଲେକ୍ଟର ମନୀଷା ଷଡ଼ଙ୍ଗୀ, ସୂଚନା ଓ ଲୋକସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲ୍ଲା ମତ୍ସ୍ୟ ଅଧିକାରୀ ବିଭୂତି ରଞ୍ଜନ ରାଉତ, ଜିଲ୍ଲା ପ୍ରାଣୀ ସମ୍ପଦ ଅଧିକାରୀ ଶରତ କୁମାର ବେହେରା, ସହକାରୀ ଜିଲ୍ଲାପାଳ ପଞ୍ଚାନନ ପରିଜା, ଡିପିଓ ସୁକାନ୍ତ କୁମାର ଦାଶ ଓ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ଯୋଗଦେଇଥିଲେ।



ଆଜି ବୀରହରେକୃଷ୍ଣପୁର ପୋଖରୀରେ ହେବ ମକ୍‌ଡ୍ରିଲ

ଜଗନ୍ନାଥ ଟ୍ରକ୍ ମାଲିକ ସଂଘ
ଲକପଡା, ଅଠରବାଙ୍କି, ପାରାଦୀପ

ଦୈନିକ 'ସକାଳ' ଖବରକାଗଜର ୪ର୍ଥ ସ୍ୱନକ୍ଷତ୍ର ଅବସରରେ ହାର୍ଦ୍ଦିକ ଶୁଭକାମନା

ରାକେଶ କୁମାର ଜେନା
ସଭାପତି

ବିଜୟ କୁମାର ପରିଡା
କାର୍ଯ୍ୟକାରୀ ସଭାପତି

ସରୋଜ ମହାପାତ୍ର
ଉପସଭାପତି

ବିଶ୍ୱ ରଞ୍ଜନ ପଲାଇ
ସମ୍ପାଦକ

ସୁଧୀର କୁମାର ଜେନା
ସହ-ସମ୍ପାଦକ

ମାନସ ପାତ୍ର, କୋଷାଧକ୍ଷ

# ଇଟାଭାଟିରୁ ୪ ଶିଶୁ ଶ୍ରମିକ ଉଦ୍ଧାର

ନୟାଗଡ଼, ୧୮।୧୨(ସମିସ):

ନୟାଗଡ଼ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ନାମକୁମାତ୍ର କାର୍ଯ୍ୟ କରୁଛି। ଶିଶୁ ସୁରକ୍ଷା ନାଁରେ ପ୍ରହସନ ଚାଲିଛି। ନୟାଗଡ଼ ଜିଲ୍ଲା ପୁଅ ତୁଳନାରେ ଝିଅ ସଂଖ୍ୟା ହ୍ରାସରେ ରାଜ୍ୟରେ ପ୍ରଥମ ଏବଂ ନାବାଳିକା ବିବାହରେ ରାଜ୍ୟରେ ଦ୍ୱିତୀୟ ସ୍ଥାନରେ ରହିଛି। ଏଭଳି ଦୂରାବସ୍ଥାକୁ ପ୍ରତିହତ କରିବା ପାଇଁ ଉଦ୍ୟମ ନଥିବା ବେଳେ ବୁଧବାର ଶିଶୁ ସୁରକ୍ଷା ବିଭାଗ ୪ ଜଣ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରିଛି। ଏନେଇ ଥାନାରେ କୌଣସି ଏତଲା ଦିଆଯାଇନଥିବା ବେଳେ ଶିଶୁଙ୍କୁ ବିପଦଜନକ କାର୍ଯ୍ୟରେ ନିୟୋଜିତ କରିଥିବା ବ୍ୟକ୍ତି ବେଶ ଆରାମରେ ରହୁଛି। ନୟାଗଡ଼ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ଏବଂ ଜିୟୁସି ପକ୍ଷରୁ ମିଳିତ ଚଢ଼ଉ କରାଯାଇ ନୂଆଗାଁ ବ୍ଲକ ତଥା ସଦରଥାନା ଅନ୍ତର୍ଗତ ପଦ୍ମପୁର ଗାଁରୁ ୪ ଜଣ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି।ଶିଶୁ ଶ୍ରମିକମାନେ ବରଗଡ଼ ଜିଲ୍ଲାରୁ ଆସି ପଦ୍ମପୁର ଗାଁର ଯାଗୁଲି ରାଉତଙ୍କ ଇଟାଭାଟିରେ କାମ କରୁଥିଲେ। ଚଢ଼ଉରେ ସଦରଥାନା ପୁଲିସ ସାମିଲ ଥିଲା। ଶିଶୁ ଶ୍ରମିକଙ୍କୁ ଉଦ୍ଧାର ପରେ ଶିଶୁ ମଙ୍ଗଳ ସମିତିରେ

**■ ଦିଆଗଲାନି ଏତଲା, ରୁଜୁ ହେଲାନି ମାମଲା**

ହାଜର କରାଯାଇଛି।ଶିଶୁ ଶ୍ରମିକଙ୍କୁ ବାଳାଶ୍ରମରେ ହାଜର କରାଯାଇଥିବା ବେଳେ ଏନେଇ ଥାନାରେ କୌଣସି ଏତଲା ଦିଆଯାଇନାହିଁ। ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ କିଶୋର ମହାପାତ୍ରଙ୍କ କହିବାନୁସାରେ, ନିୟମ ଅନୁସାରେ ୧୪ ବର୍ଷରୁ କମ ନାବାଳିକା କିମ୍ବା ନାବାଳକଙ୍କୁ ଶିଶୁ ଶ୍ରମିକ ଭାବେ ନିୟୋଜନ କରାଯାଇଥିଲେ ଉଦ୍ଧାରକାରୀ କିମ୍ବା ଶ୍ରମ ଅଧିକାରୀ ଏତଲା ଦେବା ଆବଶ୍ୟକ। ବୋଧେ ଶିଶୁ ଶ୍ରମିକଙ୍କ ବୟସ ଯାଞ୍ଚ ପରେ ଯାହା କରାଯିବ ବୋଲି କହିଛନ୍ତି। ଶିଶୁ ସୁରକ୍ଷା ବିଭାଗ ଶିଶୁ ଶ୍ରମିକଙ୍କ ପରିବାରକୁ ଡକାଇ ସେମାନଙ୍କ ହେପାଜତରେ ଛା?ବାକୁ ଯୋଜନା କରିଥିବା ବେଳେ ଶିଶୁଙ୍କୁ ବିପଦ ଜନକ କାର୍ଯ୍ୟରେ ନିୟୋଜିତ କରିଥିବା ଅଭିଯୁକ୍ତଙ୍କୁ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। କିନ୍ତୁ ଉଦ୍ଧାରକାରୀ ଟିମ୍ ଏବଂ ଶିଶୁ ସୁରକ୍ଷା ବିଭାଗ ଅଭିଯୁକ୍ତଙ୍କୁ ସୁରକ୍ଷା ଦେବାକୁ ଅଣ୍ଟା ଭିଡିଥିବା ଆଲୋଚନା ହେଉଛି। ଯାହାର ବିଧିବଦ୍ଧ ଯାଞ୍ଚ କରାଗଲେ ପକୃତ ରହସ୍ୟ ସାମ୍ନାକୁ ଆସିବ। ଏନେଇ ଶିଶୁ ସୁରକ୍ଷା ଅଧିକାରୀ ଶିବିୟାନ ପ୍ରଧାନଙ୍କ ମତାମତ ପାଇଁ ଯୋଗାଯୋଗ କରାଯାଇଥିବା ବେଳେ ସେ ଫୋନ୍ ଉଠାଇ ନଥିଲେ।

**■ ଖୋର୍ଦ୍ଧା-ବଲାଙ୍ଗୀର ରେଳ ପ୍ରକଳ୍ପ ଜମି ଅଧିଗ୍ରହଣକୁ ବିରୋଧ**

# ବସିଲା ବୈଠକ; ହୋଇପାରିଲାନି ସମାଧାନ



ନୟାଗଡ଼, ୧୮।୧୨(ସମିସ): ଖୋର୍ଦ୍ଧା ବଲାଙ୍ଗୀର ରେଳ ପ୍ରକଳ୍ପରେ କ୍ଷତିଗ୍ରସ୍ତ ହେଉଥିବା ନୟାଗଡ଼ ଜିଲ୍ଲା ଦଶପଲ୍ଲା ବ୍ଲକ ଟାକରା ପଞ୍ଚାୟତ ଅଧୀନସ୍ଥ ବୁଗୁଡ଼ା କଲୋନୀ ଆଦିବାସୀ ଗ୍ରାମର କ୍ଷତିଗ୍ରସ୍ତ ହେଉଥିବା ଶତାଧିକ ଏକର ଅଧିକୃତ ଜଙ୍ଗଲଜମି ଉପରେ ରେଳ ପ୍ରକଳ୍ପ ଯାଉଥିବା ବେଳେ ବୁଗୁଡ଼ା କଲୋନୀର ୫୦ଟି ଆଦିବାସୀ ପରିବାର ଏହାର ଦୃଢ଼ ବିରୋଧ କରିଛନ୍ତି। ଅତୀତରେ ଏହି ପ୍ରକଳ୍ପ ବିରୋଧରେ ୭ ମାସ ଧରି ଧାରଣା ଦେବା ପରେ ପ୍ରଶାସନ ଏହି ଆଦିବାସୀ ପରିବାରଙ୍କୁ ଜମିର ସତ୍ତ୍ୱାଧିକାର ପ୍ରଦାନ କରିଥିଲେ। କିନ୍ତୁ ଏବେ ପ୍ରକଳ୍ପର ଅଗ୍ରଗତି ନିମନ୍ତେ ନିରୀହ ଆଦିବାସୀଙ୍କ ଜମି ଅଧିଗ୍ରହଣ କରିବାକୁ ଦଶପଲ୍ଲା ତହସିଲଦାର ସ୍ମୃତି ରଞ୍ଜନ ଶତପଥୀଙ୍କ ଅଧ୍ୟକ୍ଷତାରେ ଗ୍ରାମବାସୀଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ତହସିଲଦାର ରେଳ ପ୍ରକଳ୍ପ ଯିବା ପାଇଁ ଜମି ଛାଡିବା ପାଇଁ ଗ୍ରାମବାସୀଙ୍କୁ କହିଥିଲେ। କିନ୍ତୁ ଗ୍ରାମବାସୀ ଉପଯୁକ୍ତ କ୍ଷତିପୂରଣ ନ ପାଇବା ପର୍ଯ୍ୟନ୍ତ ଇଞ୍ଚେ ଜାଗା ଛାଡ଼ିବେ ନାହିଁ ବୋଲି ଦୃଢ ଦାବି ଉପସ୍ଥାପନ କରିଥିଲେ। ଏହା ସହିତ ଲିଖିତ ଭାବରେ ସମସ୍ତ କାଗଜାତ୍ ପ୍ରଦାନ କରିବା ପାଇଁ ଦାବି ଉପସ୍ଥାପନ କରିଥିଲେ। ବୈଠକରେ ତହସିଲଦାରଙ୍କ ସମେତ ସ୍ଥାନୀୟ ବନାଞ୍ଚଳ ଅଧିକାରୀ, ବ୍ଲକ ମଙ୍ଗଳ ଅଧିକାରୀ, ସହକାରୀ ଯନ୍ତ୍ରୀ, ଭୁ ଅର୍ଜନ ଅଧିକାରୀଙ୍କ ସମେତ ବ୍ଲକ କର୍ମକର୍ତ୍ତା ଓ ଅନ୍ୟାନ୍ୟ ବିଭାଗର ଅଧିକାରୀମାନେ ଯୋଗଦେଇଥିଲେ। ଶେଷରେ କୌଣସି ନିଷ୍କର୍ଷ ନ ବାହାରିବା ଯୋଗୁଁ ବୈଠକ ଅଧାରେ ସ୍ଥଗିତ ରହିଥିଲା।

## ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ କନ୍ୟା ସନ୍ତାନ ଦିବସ




ନୟାଗଡ଼, ୧୮।୧୨(ସମିସ): ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ କନ୍ୟା ସନ୍ତାନ ଦିବସ ଜିଲ୍ଲା ପରିଷଦ ସୃଜନ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିକ୍ଷା ବିଭାଗ ଏବଂ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ମିଳିତ ଆନୁକୂଲ୍ୟରେ ଆୟୋଜିତ ସମାରୋହରେ ଜିଲ୍ଲା ଶିକ୍ଷାଧିକାରୀ ରାଜଶ୍ରୀ ପଟ୍ଟନାୟକ ଅଧ୍ୟକ୍ଷତା କରିଥିବା ବେଳେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ ଦେବାଶିଷ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ସମଗ୍ର ଶିକ୍ଷା ବାଳିକା ସଂଯୋଜିକା ଶ୍ରାବଣୀ ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ସମାରୋହରେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା କଲ୍ୟାଣ ଅଧିକାରୀ ଅର୍ଚ୍ଚନା କହଁର, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌ର ସମସ୍ତ ସଦସ୍ୟ ପ୍ରମୁଖ ଯୋଗଦାନ କରିଥିଲେ। ଏହି ଅବସରରେ ଜିଲ୍ଲାସ୍ତରରେ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ଶ୍ରେଷ୍ଠ ସ୍ୱୟଂ ସହାୟକ ଗୋଷ୍ଠୀ ଭାବରେ ଲେଙ୍କୁଡ଼ିପଡ଼ା ମା' ତାରିଣୀ ସ୍ୱୟଂ ସହାୟକ ଗୋଷ୍ଠୀକୁ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ଶ୍ରେଷ୍ଠ ବାଲ୍ୟ ବିବାହ ପ୍ରତିରୋଧି ଯୋଦ୍ଧା ଭାବେ ତୃପ୍ତିମୟୀ ପାଣିଗ୍ରାହୀ, ଶ୍ରେଷ୍ଠ ଆଶାକର୍ମୀ ଭାବେ ମମତା ବେହେରା, ଶ୍ରେଷ୍ଠ ଅଙ୍ଗନବାଡି କର୍ମୀ ସଙ୍ଗୀତା ଦାଶ, ଶ୍ରେଷ୍ଠ ବାଳିକା ଖେଳାଳି ମିନତୀ ସାହୁ ଏବଂ ଶ୍ରେଷ୍ଠ କୋ-କରିକୁଲାର ତଥା ରାଜ୍ୟସ୍ତରୀୟ ଶ୍ରେଷ୍ଠ ବକ୍ତୃତା ପ୍ରତିଯୋଗୀ ଏବଂ ମହକ ପ୍ରତିଯୋଗୀ ହିସାବରେ ନୟାଗଡ଼ ତପସ୍ୟା ଗୃହର ସନ୍ଧ୍ୟାରାଣୀ ବରାଡଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

**■ ଜିଲ୍ଲା ପାକ୍ସ ସଭାପତି ସଂଘ ଗଠିତ**

## ମିଲରଙ୍କ ମନମାନୀ ଏବଂ ମଣ୍ଡିରେ ବିଶୃଙ୍ଖଳାକୁ ବରଦାସ୍ତ କରାଯିବନି



ନୟାଗଡ଼, ୧୮।୧୨(ସମିସ): ନୟାଗଡ଼ ଜିଲ୍ଲା ପାକ୍ସ ସଭାପତି ସଂଘ ଗଠନ ହୋଇଛି। ଗମ୍ଭାରିଡିହି ସମବାୟ ସମିତି ସଭାପତି ପ୍ରତାପ କୁମାର ମହାନ୍ତିଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ ଅତିଥି ଭାବେ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ରବୀନ୍ଦ୍ର ନାଥ ସାହୁ, ବରିଷ୍ଠ ସମବାୟ ବିତ

**ଋଣ ଦେଣନେଣ ଏବଂ ଧାନକିଣା ସ୍ଥଗିତ**

ସନ୍ୟାସୀ ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗଦେଇ ସମବାୟ ସମିତି ଗୁଡିକର ଅବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିଥିଲେ। କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସମବାୟ ତଥା ଚାଷୀଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦେଇ କାର୍ଯ୍ୟ କରିବା ଆବଶ୍ୟକ ବୋଲି କହିଥିଲେ। ବୈଠକରେ ସୋଲପଟା ସମବାୟ ସମିତି ସଭାପତି ସୁଶାନ୍ତ କୁମାର ଜେନା ସମିତି ଗୁଡିକର ବଜେଟକୁ ନେଇ ରହିଥିବା ସମସ୍ୟା ଏବଂ ବ୍ୟାଙ୍କ ଶାଖା ଗୁଡିକର ଅବ୍ୟବସ୍ଥାକୁ କିଭଳି ଦୂରିଭୂତ କରାଯିବ ଆଲୋଚନା କରିଥିଲେ। ଜିଲ୍ଲାସ୍ତରୀୟ ବୈଠକ ଅନୁଷ୍ଠିତ ହେବା ପର୍ଯ୍ୟନ୍ତ ଚାଷୀଙ୍କ ଋଣ ଦେଣନେଣ ଏବଂ ଧାନମଣ୍ଡି କାର୍ଯ୍ୟ ନକରିବା ପାଇଁ ନିଷ୍ପତ୍ତି ହୋଇଛି। ମଣ୍ଡି ସମ୍ପର୍କିତ ସମସ୍ତ ଆଲୋଚନା ଜିଲ୍ଲା କମିଟି ବୈଠକ ନିଷ୍ପତ୍ତି ଅନୁସାରେ କରାଯିବ ବୋଲି ଧାର୍ଯ୍ୟ କରାଯାଇଛି। ମୁଥାଗାଡିଆ କଲ୍ୟାଣମଣ୍ଡପରେ ଅନୁଷ୍ଠିତ ବୈଠକରେ ଆଜି ଅସ୍ଥାୟୀ କମିଟି ଚୟନ କରାଯାଇଛି। କମିଟି ସଭାପତି ଭାବେ ଗମ୍ଭାରିଡିହି ସମିତି ସଭାପତି ଭାବେ ପ୍ରତାପ କୁମାର ମହାନ୍ତି, ସମ୍ପାଦକ ଭାବେ ଡିଆଁପଡ଼ା ସଭାପତି ଦିଲ୍ଲୀପ କୁମାର ହାତୀଙ୍କୁ ସମ୍ପାଦକ ଭାବେ ଚୟନ କରାଯାଇଛି। ସଭ୍ୟ ଭାବେ ମାଳିସାହି ପାକ୍ସ ସଭାପତି ଅହମ୍ମଦ ଖାନ୍, ଗୋପୀବଲ୍ଲଭପୁର ସଭାପତି ବ୍ରହ୍ମାନନ୍ଦ ସାହୁ, ମହିପୁର ସଭାପତି ସୋମନାଥ ସାହୁ, ଓଡଗାଁ ସଭାପତି ବିଭୂପ୍ରସାଦ ସାହୁ, ସୋଲପଟା ସଭାପତି ସୁଶାନ୍ତ କୁମାର ଜେନା, ଶିଖରପୁର ସଭାପତି ସନ୍ୟାସୀ ପ୍ରଧାନ, ଇଟାମାଟି ସଭାପତି ପ୍ରଫୁଲ କୁମାର ନାୟକ, ମଧ୍ୟଖଣ୍ଡ ସଭାପତି ଶ୍ରୀଧର ବିଶ୍ୱାଳ, ବଡଗୋରଡା ସଭାପତି କୃପାସିନ୍ଧୁ ଭଞ୍ଜଙ୍କୁ ଚୟନ କରାଯାଇଛି। ସମିତିର ସ୍ୱାର୍ଥ ପାଇଁ ବ୍ୟାଙ୍କ ଏବଂ ସମବାୟ ବିଭାଗ ସହ ଆରପାର ଲଢ଼େଇ ହେବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ମିଲରଙ୍କ ମନମାନୀ ଏବଂ ଧାନମଣ୍ଡିରେ କୌଣସି ପ୍ରକାର ବିଶୃଙ୍ଖଳାକୁ ସଂଘ ବରଦାସ୍ତ କରିବ ନାହିଁ ବୋଲି ନିଷ୍ପତ୍ତି ହୋଇଛି।

## ଅବକାରୀ ଚଢ଼ଉ, ୨ ଗିରଫ

ଦଶପଲ୍ଲା, ୧୮।୧୨(ସମିସ):ଦଶପଲ୍ଲାରେ ବିଭିନ୍ନ ଜାଗାରେ ଅବକାରୀ ବିଭାଗର ଧରପଗଡ଼ ହୋଇଥିଲା। ସ୍ଥାନୀୟ ହରିଡାବାଡି ଗ୍ରାମରେ ମଦ ବ୍ୟବସାୟୀ ଦୀପକ ସେଠୀ (୨୮)ଙ୍କ ଘରୁ ୧୫ ଲିଟର ଦେଶୀ ମଦ ଜବତ ହୋଇଛି। ସେହିପରି ଟାକରା ପଞ୍ଚାୟତ ବୁଗୁଡ଼ା କଲୋନୀରେ ରାଜେନ୍ଦ୍ର କହଁର (୫୨)ଙ୍କ ଘରେ ଚଢ଼ଉ କରି ୧୬ ଲିଟର ଦେଶୀ ମଦ ଜବତ ହୋଇଛି। ଉଭୟଙ୍କୁ ଗିରଫ ପରେ ଜାମିନ ନାମଞ୍ଜୁର ହେବାରୁ ସ୍ଥାନୀୟ ବିଚାର ବିଭାଗ ହାଜତକୁ ପଠାଇ ଦିଆ ଯାଇଛି। ଚଢ଼ଉରେ ଅବକାରୀ ଅଧିକାରୀ ଭବାନୀଶଙ୍କର ବେହେରା, ପ୍ରହ୍ଲାଦ ପ୍ରଧାନ, ପ୍ରଦୀପ୍ତ ନାୟକ ଓ ଲକ୍ଷ୍ମୀ ମହାରଣା ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

## ଯୋଗ ପ୍ରତିଯୋଗିତାରେ କୃଷ୍ଣଚନ୍ଦ୍ର ଚାମ୍ପିଅନ

ନୟାଗଡ଼, ୧୮।୧୨(ସମିସ): ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଯୁକ୍ତ ତିନି ପ୍ରଥମ ବର୍ଷ ରସାୟନ ବିଜ୍ଞାନ ଛାତ୍ର କୃଷ୍ଣଚନ୍ଦ୍ର ଜାନୀ ଉତ୍କଳ ବିଶ୍ୱବିଦ୍ୟାଳୟ ଦ୍ୱାରା ଆୟୋଜିତ ଆନ୍ତଃମହାବିଦ୍ୟାଳୟସ୍ତରୀୟ ଯୋଗ ପ୍ରତିଯୋଗିତାରେ ବିଶ୍ୱବିଦ୍ୟାଳୟସ୍ତରରେ ଚାମ୍ପିଅନ ହୋଇ ପୁରସ୍କୃତ ହେବା ସହ ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟ ତଥା ନୟାଗଡ଼ ଜିଲ୍ଲା ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି।

## ରାଣୀ ଲକ୍ଷ୍ମୀବାଇ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର

ଭାପୁର, ୧୮।୧୨(ସମିସ) ଛାତ୍ରୀ ମାନଙ୍କୁ ସେମାନଙ୍କ ଆତ୍ମରକ୍ଷା ପାଇଁ ବିଦ୍ୟାଳୟ ସ୍ତରରୁ ପ୍ରଶିକ୍ଷଣ ଦେଇ ରାଣୀ ଲକ୍ଷ୍ମୀବାଇ ଭଳି ବିରାଙ୍ଗନା ଓ ସାହାସି ହେବା ପାଇଁ ସରକାର ପ୍ରଚେଷ୍ଟା ଜାରି ରଖିଛନ୍ତି। ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଫତେଗଡ଼ ପଞ୍ଚାୟତ ମଣିପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏକ ବାଳିକା ସୁରକ୍ଷା ପ୍ରଶିକ୍ଷଣ ଶିବିର ବୁଧବାର ଠାରୁ ଆରମ୍ଭ ହୋଇ ଆସନ୍ତା ୩ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବ।ପ୍ରଶିକ୍ଷିକା ରାଜଲକ୍ଷ୍ମୀ ସାହୁ ଓ ସବିତା ପ୍ରଧାନଙ୍କ ପ୍ରଶିକ୍ଷଣରେ ୨୪ ଜଣ ଛାତ୍ରୀ ଭାଗ ନେଇଛନ୍ତି। ପ୍ରଧାନ ଶିକ୍ଷକ ଦଣ୍ଡପାଣୀ ନାୟକଙ୍କ ସହ ସହକାରୀ ଶିକ୍ଷକ ଦେବେନ୍ଦ୍ର ନାଥ ଆଚାର୍ଯ୍ୟ, ପ୍ରକାଶ ଚନ୍ଦ୍ର ବିଶ୍ୱାଳ, ସ୍ୱର୍ଣ୍ଣ ଲତା ସାହୁ ଓ ଅଶୋକ କୁମାର ବିଶ୍ୱାଳ ପ୍ରଶିକ୍ଷଣ ଶିବିର ପରିଚାଳନା କରିଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକ ଉତ୍ସବ

ଭାପୁର, ୧୮।୧୨(ସମିସ):ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଗୋଲାପୋଖରୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ଦାନ ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି। ବିଦ୍ୟାମନ୍ଦିରର ପ୍ରଧାନ ଗୁରୁଜୀ ସନ୍ତୋଷ କୁମାର ରାଉତରାୟଙ୍କ ସଭାପତିତ୍ୱରେ ଆୟୋଜିତ ବାର୍ଷିକ ଉତ୍ସବରେ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ସିଆରସିସି ପଞ୍ଚାନନ ମହାପାତ୍ର, ସମ୍ମାନିତ ଅତିଥି ଭାବେ ସମ୍ପାଦକ ବିରଞ୍ଚି ନାରାୟଣ ସାହୁ, ପଦ୍ମଚରଣ ବେହେରା, ଉପସଭାପତି ଶରତ ଚନ୍ଦ୍ର ମହାପାତ୍ର, ସହ ସମ୍ପାଦକ ଦିଲ୍ଲୀପ କୁମାର ସାହୁ, କମିଟିର ସଦସ୍ୟ ପ୍ରତିମା ବେହେରା, ବୁଦ୍ଧିମାନ ନାୟକ ଯୋଗଦେଇଥିଲେ। ଜିଲ୍ଲା ପରିଷଦ ସଭ୍ୟ ବିଜୟକୁମାର ସାମନ୍ତରାୟ ମଞ୍ଚ ପରିଚାଳନା କରିଥିଲେ। ମୁଖ୍ୟ ବକ୍ତା ଗୁଣାତ୍ମକ ଶିକ୍ଷା ଉପରେ ଗୁରୁତ୍ୱ ଦେଇଥିବା ବେଳେ ମୁଖ୍ୟ ଅତିଥି ଛାତ୍ରଛାତ୍ରୀଙ୍କୁ ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ଏହାପରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା।




## ଗାୟତ୍ରୀ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା ଉତ୍ସବ



ଓଡ଼ଗାଁ, ୧୮।୧୨(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ଗାୟତ୍ରୀ ବିଦ୍ୟାମନ୍ଦିର ମଶାବାରୀ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ପନ୍ତୀଖାରି ପଞ୍ଚାୟତ ସରପଞ୍ଚ ଶ୍ରାବଣୀ ବିଶ୍ୱାଳ ଏବଂ ସମିତି ସଭ୍ୟ ବୁଲୁ ଜେନା ଓ ରଙ୍ଗଣୀପାଟଣା ସରପଞ୍ଚ ସସ୍ମିତା ପାତ୍ର ପ୍ରମୁଖ ଯୋଗଦେଇ ଖେଳାଳିଙ୍କ ଠାରୁ କ୍ରିଡ଼ା ମଶାଲ ଗ୍ରହଣ କରିବା ପରେ କ୍ରିଡ଼ା ପତାକା ଉତ୍ତୋଳନ କରାଯାଇଥିଲା। ବିଦ୍ୟାମନ୍ଦିର ପ୍ରତିଷ୍ଠାତା କାର୍ଯ୍ୟକ୍ରମ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ଅଧ୍ୟକ୍ଷ ବିରେନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କ୍ରିଡ଼ା ପରିଚାଳନାରେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

**■ ପଞ୍ଚାୟତ ମହୋତ୍ସବ ପଲ୍ଲିଶ୍ରୀ ମେଳା ଦ୍ୱିତୀୟ ସନ୍ଧ୍ୟା**

# ଅର୍ପିତାଙ୍କ ଗୀତରେ ଝୁମିଲେ ଦର୍ଶକ



ନୟାଗଡ଼, ୧୮।୧୨(ସମିସ): ନୟାଗଡ଼ ବ୍ଲକ ଅନ୍ତର୍ଗତ ଜେମାଦେଇପୁର ପାଟଣା ରାଜପାଟଣା ମିନି ଷ୍ଟାଡିୟମରେ ପଞ୍ଚାୟତ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳାର ବୁଧବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ଦ୍ୱିତୀୟ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ. ଦେବାଶିଷ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଦେବଦତ୍ତ ପଣ୍ଡା, ନୟାଗଡ଼ ବ୍ଲକ ବିଡିଓ ପଦ୍ମ ଚରଣ ସାହୁ, ଜିଲ୍ଲା ପରିଷଦ ସରୋଜ ରଣସିଂ, ବ୍ଲକ ଉପାଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ସାହୁ, କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ରବୀନ୍ଦ୍ର ସାହୁ, ସ୍ଥାନୀୟ ସରପଞ୍ଚ ସଦାଶିବ ନାୟକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ବରିଷ୍ଠ ଆଇନଜୀବୀ ନିରଞ୍ଜନ ମିଶ୍ର ପରିଚାଳନା କରିଥିଲେ। ନୟାଗଡ଼ ପଞ୍ଚାୟତ ସମିତି ଓ ଓରମାସ ସହାୟତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ବିଭିନ୍ନ ପ୍ରଦର୍ଶନୀ ପଲ୍ଲୀଶ୍ରୀ ମେଳା ସହିତ ଦର୍ଶକଙ୍କ ମନୋରଞ୍ଜନ ପାଇଁ ସୁରସନ୍ଧ୍ୟା ମେଲୋଡି ଆୟୋଜନ କରାଯାଇଛି। ଶିତୁଆ ରାତିରେ ସିଙ୍ଗର ଅର୍ପିତା ଦର୍ଶକଙ୍କୁ ବାନ୍ଧି ରଖିଥିଲେ। ଏଥି ସହିତ ଯୋଡି ଶଙ୍ଖ ଦର୍ଶକଙ୍କ ମନ ମୋହିଥିଲା। ଏହି ଅବସରରେ ମୁଖ୍ୟ ଅତିଥି ତାଙ୍କ ଅଭିଭାଷଣରେ ପଞ୍ଚାୟତସ୍ତରରେ ଏଭଳି ଆୟୋଜନ କୌଣସି ସ୍ଥାନରେ ଦେଖିବାକୁ ମିଳିନାହିଁ ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ ବିଭିନ୍ନ କାର୍ଯ୍ୟ ପାଇଁ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

**ଓଡ଼ଗାଁ ଶ୍ରୀରଘୁନାଥ ଜୀଉଙ୍କ ମନ୍ଦିର ରୂପାନ୍ତରଣରେ ଅବହେଳା**

# ମନ୍ଦିର ସୁରକ୍ଷା ନେଇ ପ୍ରଶ୍ନବାଚୀ

ଓଡ଼ଗାଁ, ୧୮।୧୨(ସମିସ)



ନୟାଗଡ଼ ଜିଲ୍ଲା ତଥା ଓଡ଼ିଶାର ଅନ୍ୟତମ ଆଧ୍ୟାତ୍ମିକ ପ୍ରାଣକେନ୍ଦ୍ର ଓଡ଼ଗାଁ ଶ୍ରୀରଘୁନାଥ ଜୀଉଙ୍କ ମନ୍ଦିର ରୂପାନ୍ତରଣ ଲାଗି ୩ କୋଟି ୫୦ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଥିବା ବେଳେ କାର୍ଯ୍ୟାଦେଶ ପାଇଥିବା ଠିକାଦାରଙ୍କ ମନମାନୀ ଯୋଗୁଁ ମନ୍ଦିର ତଥା ପ୍ରାଙ୍ଗଣ ଅବହେଳିତ ଅବସ୍ଥାରେ ପଡ଼ିରହିଛି। ଯାହା ଭକ୍ତଙ୍କ ଭାବାବେଗରେ

**● ଆଇନର ଆଶ୍ରୟ ନେବ ପୂଜକ ପରିଷଦ**

ଆଘାତ କରୁଥିବା ବେଳେ ସ୍ଥାନୀୟ ଅଞ୍ଚଳରେ ଜନଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ଓଡ଼ଗାଁ ପୂଜକ ପରିଷଦ ଠିକାଦାରଙ୍କ ଚରମ ଅବହେଳା ବିରୋଧରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି, ନୟାଗଡ଼ ବିଧାୟକ, ମୁଖ୍ୟ ଶାସନସଚିବ, ଜିଲ୍ଲାପାଳ ଓ ଉପଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ନିର୍ଦ୍ଧାରିତ ସମୟସୀମା ପୂର୍ବରୁ ରୂପାନ୍ତରଣ କାର୍ଯ୍ୟ ନସରିଲେ ପୂଜକ ପରିଷଦ ଆଇନର ଆଶ୍ରୟ ନେବ ବୋଲି ଚେତାବନୀ ଦେଇଛି। ସୂଚନା ଥାଉକି ସାଧାରଣ ନିର୍ବାଚନ ୨୦୨୪ ପୂର୍ବରୁ ଶ୍ରୀ ରଘୁନାଥ ଜୀଉଙ୍କ ମନ୍ଦିର ରୂପାନ୍ତରଣ କାର୍ଯ୍ୟ ପାଇଁ ୩.୫୦ କୋଟି ଟଙ୍କା ମଞ୍ଜୁର ହୋଇ ବିଧାୟକ ଡ. ଅରୁଣ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ବର୍ତ୍ତମାନ ସୁଧା ରଘୁନାଥ ମାର୍କେଟ କମ୍ପ୍ଲେକ୍ସ କାର୍ଯ୍ୟ ସରିନଥିବା ବେଳେ ରାମବିହାର କାର୍ଯ୍ୟ ମଧ୍ୟ ଅଧାରେ ଅଟକି ରହିଛି। ମନ୍ଦିର ସଂଲଗ୍ନ ବହୁ ପୁରାତନ ପାଚେରୀ ନିର୍ମାଣ ପାଇଁ ୪ ମାସ ପୂର୍ବରୁ ପ୍ଲାଷ୍ଟର ଛଡ଼ାଇ କାର୍ଯ୍ୟ ବନ୍ଦ ରହିଥିବାରୁ ତାହା ଭୁଶୁଡି ପଡ଼ିବାର ସମ୍ଭାବନା ରହିଥିବା ବେଳେ ମନ୍ଦିର ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପାଚେରୀ ନିମନ୍ତେ ଜମା ହୋଇଥିବା ବାଲି ଉପରେ ଇତର ପ୍ରାଣୀମାନେ ମଳତ୍ୟାଗ କରିବାରୁ ପରିବେଶ ଦୂଷିତ ହେବା ସହିତ ସାଧାରଣ ଜୀବନଯାତ୍ରା ବ୍ୟାହତ ହୋଇ ପଡ଼ିଛି। ଝୁଲଣ ମଣ୍ଡପ ଛାତରୁ ସିମେଣ୍ଟ ଛଡ଼ାଇ ଠିକାଦାର ଛୁ ମାରିଛି। ଏହା ମଧ୍ୟ ଏକ ପୁରାତନ କିର୍ତ୍ତି ହୋଇଥିବାରୁ ଏପରି ଅଧା କାର୍ଯ୍ୟରେ ପଡ଼ିରହିବା ମଧ୍ୟ ବିପଦ ଆଣିପାରେ। ରୋଷଘର, ଭଣ୍ଡାରଘର, ଚାଳ ମନ୍ଦିରର ବିଭିନ୍ନ ଅଂଶ ମରାମତି ପାଇଁ ଆଦୌ କାର୍ଯ୍ୟ ଆରମ୍ଭ ହୋଇନଥିବା ବେଳେ ସେଥିନେଇ ସାଧାରଣରେ ଆଶଙ୍କା ପ୍ରକାଶ ପାଇଛି। ପୁରୀ ଶ୍ରୀମନ୍ଦିର ସହ ସାମଞ୍ଜସ୍ୟ ଭାବେ ଏଠାରେ ବାରମାସରେ ତେର ପର୍ବ ପାଳନ ହୁଏ। ସବୁବେଳେ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କ ଭିଡ଼ ଜମୁଛି। ବହୁ ସଂଖ୍ୟାରେ ପର୍ଯ୍ୟଟକ ଦୈନନ୍ଦିନ ପ୍ରଭୁଙ୍କ ଦର୍ଶନ ପାଇଁ ଆସୁଥିବା ବେଳେ ମନ୍ଦିର ପରିସରର ପରିବେଶକୁ ନେଇ କ୍ଷୋଭ ପ୍ରକାଶ କରୁଛନ୍ତି। ଅନ୍ୟପକ୍ଷରେ ବର୍ଷ ବିତିବାକୁ ବସିଥିବା ବେଳେ ଏଥିନିମନ୍ତେ ବିଗତ ବର୍ଷ ବିନା ରଙ୍ଗରେ ଶ୍ରୀରାମ ନବମୀ ଯାତ୍ରା ପାଳିତ ହୋଇଥିବା ବେଳେ ଆଉ ଅଳ୍ପ ଦିନ ପରେ ଚଳିତବର୍ଷର ଯାତ୍ରା ଅନୁଷ୍ଠିତ ହେବ। ତେବେ ସେତେବେଳକୁ ରୂପାନ୍ତରଣ ନିର୍ମାଣ କାର୍ଯ୍ୟ ସରିବା ବିଳମ୍ବ ହେଲେ ଠାକୁରଙ୍କ ଯାତ୍ରା ପାଇଁ ସମସ୍ୟା ସୃଷ୍ଟି କରିବ ବୋଲି ବୁଦ୍ଧିଜୀବୀ ଓ ଶ୍ରଦ୍ଧାଳୁମାନେ ଚିନ୍ତା ପ୍ରକଟ କରିଛନ୍ତି। ସମସ୍ୟାକୁ ତ୍ୱରିତ ସମାଧାନ ପାଇଁ ରାଜ୍ୟ ସରକାର, ବିଧାୟକ ଏବଂ ପ୍ରଶାସନିକ ଅଧିକାରୀମାନେ ଗୁରୁତ୍ୱ ଦେବା ପାଇଁ ଦାବି ହେଉଛି।

### ଖୋର୍ଦ୍ଧା ମହୋତ୍ସବର ଚତୁର୍ଥ ସନ୍ଧ୍ୟା

## ଦେଶାତ୍ମବୋଧ ସଙ୍ଗୀତ ଓ ନୃତ୍ୟରେ ଦର୍ଶକ ବିଭୋର



**ଖୋର୍ଦ୍ଧା,୧୮।୧୨(ସମିସ):** ସ୍ଥାନୀୟ ହାବେଲୀ ପଡିଆରେ ଚାଲିଥିବା ଖୋର୍ଦ୍ଧା ଜିଲ୍ଲା ମହୋତ୍ସବର ରୌପ୍ୟ ଜୟନ୍ତୀ ସମାରୋହ ଚତୁର୍ଥ ସନ୍ଧ୍ୟାରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ମଞ୍ଚ ତଳେ ଦର୍ଶକଙ୍କୁ ବାନ୍ଧି ରଖିଥିଲା। ସୁରସଙ୍ଗୀତ ଡ୍ୟାନ୍ସ ଗ୍ରୁପର କଳାକାରଙ୍କ ଆକର୍ଷଣୀୟ ନୃତ୍ୟ ଶୀତୁଆ ସନ୍ଧ୍ୟାରେ ଦର୍ଶକଙ୍କୁ ଆକର୍ଷିତ କରିଥିଲା। ତେବେ ଓଡ଼ିଶାର ସଂସ୍କୃତି, ପରମ୍ପରାକୁ ଦୃଷ୍ଟିରେ ରଖି ପ୍ରାରମ୍ଭିକ କାର୍ଯ୍ୟକ୍ରମ ଓଡିଶୀ, ସମ୍ବଲପୁରୀ ଓ ଦେଶାତ୍ମବୋଧକ ସଙ୍ଗୀତରେ ନୃତ୍ୟ ଦର୍ଶକଙ୍କ ମନମୋହିଲା ଭଳି ଥିଲା। ବିଶେଷ କରି ସ୍ଥାନୀୟ ଘରୋଇ ସ୍କୁଲର କୁନିକୁନି କଳାକାର ମାନଙ୍କ ଅତ୍ୟନ୍ତ ଚିତ୍ତାକର୍ଷକ ଥିଲା।

ମହୋତ୍ସବ କମିଟିର ସଭାପତି ଡ଼. ଦିଲ୍ଲୀପ ଶ୍ରୀଚନ୍ଦନଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଅତିଥି ଭାବେ ଜିଲ୍ଲା ପରିଷଦର ମୁଖ୍ୟ ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ସାହୁ, ଉପଜିଲ୍ଲାପାଳ ଦିପ୍ତିରଞ୍ଜନ ସେଠୀ, ତହସିଲଦାର ବିଭାସ ପାଣିଗ୍ରାହୀ, ପୌର ନିର୍ବାହୀ ଅଧିକାରୀ ରିଜିୱାନା କଅକବ୍ ଓ ଭୁବନେଶ୍ୱରର ୬୫ ନମ୍ବର ୱାର୍ଡର କର୍ପୋରେଟର ରଶ୍ମି ରଞ୍ଜନ ପାଟ୍ଟଶାଣୀ ପ୍ରମୁଖ ଉପସ୍ଥିତ ଥିଲେ।

ଅନ୍ୟମାନଙ୍କ ମଧ୍ୟରେ ମହୋତ୍ସବ କମିଟିର ସାଧାରଣ ସମ୍ପାଦକ ନରେନ୍ଦ୍ର ପୃଷ୍ଟି, ସଞ୍ଜୟ ପଟ୍ଟନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ସେହିପରି ସାଂସ୍କୃତିକ କାର୍ଯ୍ୟକ୍ରମକୁ ପ୍ରଫୁଲ୍ଲ ସାମନ୍ତରାୟ, ଅଭିନାଶ ଦଳେଇ, ବିମଳ ସାମନ୍ତରାୟ, ପବିତ୍ର ନାୟକ, ପ୍ଲାବନ ପଟ୍ଟନାୟକ, ରଞ୍ଜନ ସେଠୀ ପ୍ରମୁଖ ପରିଚାଳନା କରିଥିଲେ।

## ବିଟ୍ ହାଉସ୍ ଗାର୍ଡଙ୍କୁ ଆକ୍ରମଣ; ଭୁବନେଶ୍ୱର ସ୍ଥାନାନ୍ତର

**ଟାଙ୍ଗୀ,୧୮।୧୨(ସମିସ):** ବାଲି ଚୋରା ଚାଲାଣକୁ ବିରୋଧ କରି ଟାଙ୍ଗୀ ବନ ବିଭାଗ ଅଧିନସ୍ଥ ରଣ୍ଡା ବିଟ ହାଉସ ଗାର୍ଡ ଭବାନୀ ପ୍ରସାଦ ପଟ୍ଟନାୟକ ମରଣାନ୍ତକ ଆକ୍ରମଣର ଶିକାର ହୋଇଛନ୍ତି। ତାଙ୍କୁ ପ୍ରଥମେ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପରେ ଭୁବନେଶ୍ୱର ଏମସ ସ୍ଥାନାନ୍ତର କରାଯାଇଥିବା ଫରେଷ୍ଟର ଗୋଲାପ ସେଠୀଙ୍କ ସୂତ୍ରରୁ ପ୍ରକାଶ। ଘଟଣାରୁ ପ୍ରକାଶ ଯେ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଥିବା ନଈରୁ ବାଲି ଉଠାଣକୁ ନେଇ ସ୍ଥାନୀୟ ଜଣେ ଯୁବକ ଶ୍ରୀ ପଟ୍ଟନାୟକଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ତାଙ୍କ ମୁଣ୍ଡରେ ଗୁରୁତର ଆଘାତ ଲାଗିଛି। ଗଛପତ୍ର ଗ୍ରାମକୁ ଯିବା ରାସ୍ତା ପାଶ୍ୱର୍ରେ ଥିବା ନଈରୁ ବାଲି ନ ଉଠାଇବାକୁ ତାଗିଦ୍‌କୁ ନେଇ ଏହି ଘଟଣାର ସୂତ୍ରପାତ ବୋଲି ଜଣାପଡିଛି। ଟାଙ୍ଗୀ ବନ ବିଭାଗ ତରଫରୁ ଚାନ୍ଦପୁର ଥାନାରେ ଚାରି ଜଣଙ୍କ ନାମରେ ଲିଖିତ ଅଭିଯୋଗ ହୋଇଥିବା ଫରେଷ୍ଟର ଶ୍ରୀମତୀ ସେଠୀ ସୂଚନା ଦେଇଛନ୍ତି।

# ଖଣି ଖନନ ବନ୍ଦ ଦାବିରେ ଗ୍ରାମବାସୀ ଜିଲ୍ଲାପାଳଙ୍କୁ ଫେରାଦ

**ଖୋର୍ଦ୍ଧା,୧୮।୧୨(ସମିସ)**



ଖୋର୍ଦ୍ଧା ତହସିଲ ଅନ୍ତର୍ଗତ କୁମାରବସ୍ତ ଅଞ୍ଚଳରେ ବେଆଇନ ମାଙ୍କଡା ପଥର ଓ ମୋରୋମ ଚାଲାଣ ଲୋକଙ୍କ ନିଦ ହଜାଇଲାଣି। ଗ୍ରାମବାସୀ ପ୍ରତିବାଦ କଲେ ମାଫିଆମାନେ ସେମାନଙ୍କୁ ଆକ୍ରମଣ କରିବା ସହ ହତ୍ୟା ଧମକ ଦେଉଥିବା ଅଭିଯୋଗ ହେଉଛି। ଫଳରେ କେତେକ ଗ୍ରାମବାସୀ ଅଞ୍ଚଳରେ ବେଆଇନ ଖଣିକୁ ବନ୍ଦ କରିବା ଦାବିରେ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

ଅଭିଯୋଗ ଅନୁସାରେ, କୁମାରବସ୍ତ ମୌଜାରେ ଥିବା ଭୂଆସୁଣୀଙ୍କ ମନ୍ଦିର ଠାରୁ ପ୍ରାୟ ଶହଶହ ଏକର ଗୋଚର ଏବଂ ଜଙ୍ଗଲ କିସମ ଜମି ଥିବାବେଳେ ସେହି ଗ୍ରାମର କିଛି ବ୍ୟକ୍ତି ବେଆଇନ ଭାବେ ଦୀର୍ଘ ଦିନ ଧରି ହେବ ସେହି ସ୍ଥାନରୁ ମାଙ୍କଡା ପଥର ଖନନ କରିବା ସହ ମୋରମ ଅନ୍ୟତ୍ର ଚୋରା ଚାଲାଣ କରୁଛନ୍ତି । ଫଳରେ ସରକାରଙ୍କରକୋଟି କୋଟି ଟଙ୍କାର ରାଜସ୍ୱ କ୍ଷତି ହେବା ସହ ଉକ୍ତ ଖଣିକୁ ଲାଗି ରହିଥିବା ଏକର ଏକର ଚାଷ ଜମିକୁ ପାଣି ନ ଯିବା ଯୋଗୁଁ ଏହା ପଡିଆ ପଡୁଛି। ଏମିତିକି ଏହିବାଟ ଦେଇ ଏହାର ପଡୋଶୀ ଗ୍ରାମ ମଧୁପୁର ଓ ମହୁଲକୁ ଯାଇଥିବା ଯାତାୟାତ ରାସ୍ତା ସମ୍ପୂର୍ଣ ବନ୍ଦ ହେବାକୁ ବସିଲାଣି। ଲୋକମାନେ ଯାତାୟାତ ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ଷାଦିନେ ଉକ୍ତ ଖଣିରେ ପାଣି ଜମି ରହିବା ଫଳରେ ଏହାର ଆଖପାଖରେ ଚରୁଥିବା, ଗାଇ, ଗୋରୁ ଏବଂ ବନ୍ୟଜନ୍ତୁ ଏହି ଗଭୀର ଗାତରେ ପଡି ମୃତ୍ୟୁବରଣ କରୁଛନ୍ତି। ତେବେ କୁମାରବସ୍ତ ମୌଜାକୁ ଲାଗି ରହିଥିବା ରତନପୁର ଏବଂ ମଧୁପୁର ସଂରକ୍ଷଣ ଜଙ୍ଗଲରେ ଥିବା ମୂଲ୍ୟବାନ ଗଛ ଗୁଡିକୁ ଦୁର୍ବୃତ୍ତମାନେ କାଟି ଜଙ୍ଗଲ ଜମିକୁ ସଫା କରି ମାଙ୍କଡା ପଥର ଖନନ କରିବା ସହିତ ମୋରମ ଉତ୍ତୋଳନ କରୁଛନ୍ତି। ଏନେଇ କୁମାରବସ୍ତ ଗ୍ରାମରେ ଏକ ସଭା ଡକାଯାଇ ଉକ୍ତ କାର୍ଯ୍ୟରୁ ନିବୃତ୍ତ ରହିବା ପାଇଁ ଗ୍ରାମର ସଭାପତିଙ୍କ ସହିତ ଅନ୍ୟ ସଦସ୍ୟ କହିଥିଲେ। ମାତ୍ର ଏହାକୁ ମାଫିଆ ଖାତିର ନ କରି ବରଂ ଗଣ୍ଡଗୋଳ କରିଥିଲେ। ଏ ନେଇ ଗ୍ରାମରେ ଚାପା ଉତ୍ତେଜନା ଲାଗି ରହିଥିବାବେଳେ ଭବିଷ୍ୟତରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବାର ସମ୍ଭାବନାକୁ ଏଡାଇ ଦିଆଯାଇନପାରେ। ତେଣୁ ବେଆଇନ ଖଣି ଖନନକୁ ସମ୍ପୂର୍ଣ୍ଣ ଭାବରେ ବନ୍ଦ କରିବା ସହିତ ଗୋଚର ଓ ଜଙ୍ଗଲ ଜମିକୁ ସୁରକ୍ଷା ପ୍ରଦାନ କରିବା ନିମନ୍ତେ ଅଭିଯୋଗକାରୀ ଦାବି କରିଛନ୍ତି। ଅଭିଯୋଗକୁ ଗୁରୁତ୍ୱର ସହ ଗ୍ରହଣ କରି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପ୍ରଧାନ ଏହାର ତଦନ୍ତ ନିର୍ଦ୍ଦେଶ ଉପ ଜିଲ୍ଲାପାଳ ଖୋର୍ଦ୍ଧାଙ୍କୁ ଦେଇଥିବା ଜଣାଯାଇଛି।

## ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ସଭ୍ୟ ସଂଗ୍ରହ ଅଭିଯାନ





**ଜଟଣୀ,୧୮।୧୨(ସମିସ):** ଜଟଣୀ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଜଟଣୀ ମହାବିଦ୍ୟାଳୟରେ ବୁଧବାର ସଭ୍ୟ ସଂଗ୍ରହ ଅଭିଯାନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜଟଣୀ ବିଧାୟକ ତଥା ଜିଲ୍ଲା ବିଜେଡି ସଭାପତି ବିଭୁତି ଭୂଷଣ ବଳବନ୍ତରାୟ ଯୋଗଦେଇ ଛାତ୍ରମାନଙ୍କୁ ବିଜୁ ଜନତା ଦଳରେ ସାମିଲ ହେବା ପାଇଁ ଉତ୍ସାହିତ କରିଥିଲେ। ବିଜୁ ଛାତ୍ର ଜନତା ଦଳର ମହା ସଚିବ ଇପ୍ସିତା ସାହୁ, ଉପସଭାପତି ଦେବସ୍ମିତା ଦାସ, ଜିଲ୍ଲା ଛାତ୍ର ସଭାପତି ସ୍ୱାଧିନ ପଣ୍ଡା, ଜଟଣୀ ନଗର ଛାତ୍ର ସଭାପତି ସାଗର ସାମନ୍ତରାୟ, ଯୁବ କାର୍ଯକାରୀ ସଭାପତି ସନ୍ତୋଷ ଡାକୁଆ, ଜଟଣୀ ନଗର ସଭାପତି ଆଶୁତୋଷ ପ୍ରତାପସିଂହ, ଯୁବ ଛାତ୍ର ସାମାଜିକ କର୍ମୀ ବିଟୁ ମହେଶ, ଭିକି, ସଚିନ, ମହେଶ, ସାଇମାନ ସହ ବିଜୁ ଛାତ୍ର ଜନତା ଦଳର କର୍ମକର୍ତ୍ତା ପରିଚାଳନା କରିଥିଲେ।

## ରେନ୍‌ବୋ କ୍ରିକେଟର ଚତୁର୍ଥ ଲିଗ୍ ମ୍ୟାଚ: ପତନିବର ସେମିରେ

**ବେଗୁନିଆ,୧୮।୧୨(ସମିସ):** ବେଗୁନିଆ ବ୍ଲକ ସାରୁଅ ପଞ୍ଚାୟତ ଅନ୍ତର୍ଗତ ପତନିବର ଗ୍ରାମର ରେନବୋ କ୍ରିକେଟ୍ କ୍ଲବ୍ ପକ୍ଷରୁ ୩୦ ତମ ବାର୍ଷିକ ଟୁର୍ଣ୍ଣାମେଣ୍ଟର ଚତୁର୍ଥ ଲିଗ ମ୍ୟାଚ ଅନୁଷ୍ଠିତ ହୋଇଛି। ଏଥିରେ ତମାଣ୍ଡୋ କ୍ରିକେଟ ଦଳ ଓ ପତନିବର କ୍ରିକେଟ ଦଳ ମଧ୍ୟରେ ମ୍ୟାଚ୍ ହୋଇଥିଲା। ପ୍ରଥମେ ଟସ ଜିତି ବ୍ୟାଟିଂର ନିଷ୍ପତି ନେଇ ପତନିବର ଦଳ ନିର୍ଦ୍ଧାରିତ ୨୦ ଓଭର ମଧ୍ୟରେ ସମସ୍ତ ୱିକେଟ ହରାଇ ୧୪୦ ରନ ସଂଗ୍ରହ କରିଥିଲା । ଜବାବରେ ତମାଣ୍ଡୋ ଦଳ ୧୩ ଓଭର ମଧ୍ୟରେ ୧ ଗୋଟି ୱିକେଟ ହରାଇ ୧୪୧ ରନ କରି ସେମିରେ ପ୍ରବେଶ କରିଛି । ତମାଣ୍ଡୋ ଦଳର ଦୀପକ ୨୨ଟି ବଲରୁ ୫୯ ରନ୍ କରି ମ୍ୟାନ ଅଫ ଦିମ୍ୟାଚ ହୋଇଥିଲେ। ଅମ୍ପାୟର ସେକ ଆଶିକ ଓ ଏମଡ଼ି ସୁଲେମାନ ମ୍ୟାଚ୍ ପରିଚାଳନା କରିଥିବା ବେଳେ ସୁଶିଲ ପ୍ରଧାନ ସ୍କୋରର ଭାବେ ସହଯୋଗ କରିଥିଲେ।

## ଦିନରେ ଜଳୁଛି ଷ୍ଟ୍ରୀଟ୍ ଲାଇଟ୍

**ବାଲୁଗାଁ; ୧୮।୧୨ (ସମିସ):** ବାଲୁଗାଁ ଅଞ୍ଚଳରେ ଦିନରେ ଷ୍ଟ୍ରୀଟ୍ ଲାଇଟ ଜଳୁଛି। ବିଦ୍ୟୁତ ଉପଖଣ୍ଡ ଅଧିକାରୀ ବିଦ୍ୟୁତ ଶକ୍ତି ସଂରକ୍ଷଣ ବଦଳରେ କିପରି ଅପବ୍ୟବହାର କରୁଛନ୍ତି ତାହାର ଏହା ଜ୍ୱଳନ୍ତ ଉଦାହରଣ। ବିଦ୍ୟୁତ ଅପବ୍ୟବହାର ରୋକିବା ନିମନ୍ତେ ବିଭାଗ ତରଫରୁ ଏଲଇଡ଼ି, ସିଏଫଏଲ ଆଦି ବଲ୍‌ବର ବ୍ୟବହାର ଉପରେ ଗୁରୁତ୍ୱ ଦେଉଥିବା ବେଳେ ବାଲୁଗାଁ ଏନଏସି ଅଞ୍ଚଳରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳୁଛି। ବାଲୁଗାଁ ଏନଏସି ଓ ବାଣପୁର ରୋଡ଼ ଆଦି ଅଞ୍ଚଳରେ ପ୍ରାୟ ସମୟରେ ସ୍ୱଷ୍ଟ ଦିବାଲୋକରେ ବିଦ୍ୟୁତ ଖୁଣ୍ଟ ମାନଙ୍କରେ ଲାଇଟ୍ ଜଳୁଥିବା ଦେଖିବାକୁ ମିଳୁଛି। ଦାୟିତ୍ୱରେ ଥିବା କର୍ମଚାରୀଙ୍କ ବେପରୁଆ ମନୋଭାବ ଯୋଗୁଁ ସକାଳୁ ଦିନ ତମାମ ବିଦ୍ୟୁତ ଖୁଣ୍ଟରେ ଆଲୋକ ଜଳି ରହୁଥିବା ସ୍ଥଳେ ରାତ୍ରରେ ଅଧିକାଂଶ ସ୍ଥାନରେ ଅନ୍ଧାର ରହୁଥିବା ଦେଖାଯାଇଛି।



## ୨୨ରୁ ଗିନି କପ୍; ଆୟୋଜକ ସମେତ ୮ ଟିମ୍ ଅଂଶଗ୍ରହଣ

### ସମ୍ମାନିତ ହେବେ ୨ ଉଦୀୟମାନ ଖେଳାଳି ଓ ପୂର୍ବତନ ବିଧାୟକ

**ଖୋର୍ଦ୍ଧା,୧୮।୧୨(ସମିସ) :** ଖୋର୍ଦ୍ଧା ଜିଲ୍ଲା କ୍ରିକେଟ ଆସୋସିଏସନ(କେଡିସିଏ) ଆନୁକୂଲ୍ୟରେ ସବ୍ୟସାଚୀ ଓ ଦିନେଶ ମୋମୋରିଆଲ ଗିନି କପ-୨୦୨୪ ଦ୍ୱିତୀୟ ସଂସ୍କରଣ ଆସନ୍ତା ୨୨ ତାରିଖରୁ ଆରମ୍ଭ ହୋଇ ୨୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଏନେଇ ବୁଧବାର ସ୍ଥାନୀୟ ରୋଟାରୀ ଭବନରେ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଥିଲା।

କେଡିସିଏ ସମ୍ପାଦକ ଭବାନୀଚରଣ ପଣ୍ଡା ଗିନି କପ୍ ସମ୍ପର୍କରେ ସୂଚନା ଦେଇ କହିଲେ ଯେ ଏଥିରେ ଆୟୋଜକ ଟିମକୁ ମିଶାଇ ୮ଟି ଟିମ ଅଂଶଗ୍ରହଣ କରିଛନ୍ତି। ସେଥିରୁ ଭୁବନେଶ୍ୱରର ରାମେଶ୍ୱର କ୍ଲବ, ଏମସିସି ଏବଂ କିଶୋର କ୍ଲବ ସାମିଲ ହୋଇଥିବା ବେଳେ କଟକରୁ ସୋଲାର କ୍ଲବ, ରାଇଜିଂ ଷ୍ଟୁଡେଣ୍ଟସ୍ ଓ ୟୁନିୟନ ସ୍ପୋଟିଂ ରହିଛନ୍ତି। ପ୍ରତ୍ୟେକ ଦିନ ଗୋଟିଏ ମ୍ୟାଚ ଖେଳାଯିବ। ପ୍ରତି ମ୍ୟାଚର ମ୍ୟାନ ଅଫ ଦି ମ୍ୟାଚକୁ ୨ହଜାର ଟଙ୍କା ଓ ପୁରସ୍କାର ଦିଆଯିବ। ୨ଟି ସେମି ଫାଇନାଲ ମ୍ୟାଚର ମ୍ୟାନ ଅଫ ଦି ମ୍ୟାଚକୁ ୩ ହଜାର ଟଙ୍କା ପୁରସ୍କାର ସହ ଗିଫ୍ଟ ରହିଛି। ଫାଇନାଲ ମ୍ୟାଚ ଚାମ୍ପିଅନ ଦଳକୁ ଟ୍ରଫି ସହ ୫୦ହଜାର ଟଙ୍କା ଓ ରନର୍ସ ଦଳକୁ ଟ୍ରଫି ସହ ୩୦ହଜାର ଟଙ୍କା ଦିଆଯିବ। ଫାଇନାଲର ମ୍ୟାନ ଅଫ ଦି ମ୍ୟାଚକୁ ୫ହଜାର, ମ୍ୟାନ ଅଫ ଦି ଟୁର୍ଣ୍ଣାମେଣ୍ଟକୁ ୧୦ହଜାର ଟଙ୍କା ପୁରସ୍କାର ଦିଆଯିବ। ଏଥିସହ ଫାଇନାଲରେ ୧୬ବର୍ଷରୁ କମ୍ ଓଡିଶା ଦଳରେ ସାମିଲ ଦୁଇ ଉଦୀୟମାନ କ୍ରିକେଟ ଖେଳାଳି ପିୟୁଷ ବଳିଆରସିଂହ ଓ ସୌନଭ ଦାସ ଏବଂ କେଡିସିଏ ପ୍ରତିଷ୍ଠାତା ସଦସ୍ୟ ପୂର୍ବତନ ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ରଙ୍କୁ ପୁରସ୍କୃତ କରାଯିବା କାର୍ଯ୍ୟକ୍ରମ ରହିଛି ବୋଲି ସମ୍ପାଦକ ଶ୍ରୀ ପଣ୍ଡା ସୂଚନା ଦେଇଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ କେଡିସିଏ କୋଷାଧକ୍ଷ ତନ୍ମୟ ବୋଷ, କାର୍ଯ୍ୟକାରୀ ସଦସ୍ୟ ସୌର୍ଯ୍ୟରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।




## ମାଙ୍କଡ଼ଙ୍କ ଉପଦ୍ରବ; ବିଲରେ ରହୁନି ପନିପରିବା

**ନୟାହାଟ,୧୮।୧୨(ସମିସ):** ନୟାହାଟ ଅଞ୍ଚଳରେ ୬ ଟି ପଞ୍ଚାୟତରେ ମାଙ୍କଡ ମାନଙ୍କର ଉପଦ୍ରବ ଦେଖାଦେଇଛି। ସେମାନଙ୍କ ଯୋଗୁଁ ବିଲ ବାଡ଼ିରେ ଫସଲ ନଷ୍ଟ ହେବାରେ ଲାଗିଛି। ମାଙ୍କଡ ମାନେ କିଆରୀରେ ପଶି ବାଇଗଣ, କୋବି, ଭେଣ୍ଡି, କଦଳୀ, ବାଦାମ, ମୂଳା, ବିରି, କୋଳଥ ଇତ୍ୟାଦି ଫସଲ ଖାଇବା ସହିତ ନଷ୍ଟ କରୁଛନ୍ତି। ମାଙ୍କଡ଼ଙ୍କ ଉପଦ୍ରବ ଯୋଗୁ ଚାଷୀ ଚିନ୍ତାରେ ଅଛନ୍ତି। ଚାଷୀ ହଜାର ହଜାର ଟଙ୍କା ଖର୍ଚ୍ଚ କରି ପରିବା ଚାଷ କରୁଥିବା ବେଳେ ସେମାନେ ହାଟ ବଜାରକୁ ବିକ୍ରି ପାଇଁ ୩୦ ଭାଗ ପନିପରିବା ଆଣୁଥିବା ବେଳେ ୭୦ ଭାଗ ମାଙ୍କଡ ଦ୍ୱାରା ନଷ୍ଟ ହେଉଛି। ଫଳରେ ନୟାହାଟ ବଜାରରେ ପନିପରିବା ଦର କିଲୋ ପିଛା ୫୦ ଟଙ୍କା ଉପରେ ରହୁଛି। ଚାଷୀ କ୍ଷତି ସହୁଥିବା ବେଳେ ଘରେ ପଶି ପନିପରିବା ଓ ରନ୍ଧା ଖାଦ୍ୟ ମଧ୍ୟ ନଷ୍ଟ କରୁଛନ୍ତି। ବନ୍ୟ ପ୍ରାଣୀ ବିଭାଗ ନିକଟରେ ବାରମ୍ବାର ଅଭିଯୋଗ କଲେ ମଧ୍ୟ କୌଣସି ପ୍ରତିକାର ହେଉନି। ଏ ଦିଗରେ ଅସ୍ତରଙ୍ଗ ବନ୍ୟ ପ୍ରାଣୀ ରେଞ୍ଜର ଦୃଷ୍ଟି ଦେବାକୁ ସାଧାରଣାରେ ଦାବି ହେଉଛି।

## ଶ୍ରୀରଙ୍ଗନାଥ ଦେବଙ୍କ ପହିଲି ଭୋଗ ନୀତିକାନ୍ତି



**ବାଣପୁର, ୧୮।୧୨(ସମିସ);** ଭଗବତୀ କ୍ଷେତ୍ର ବାଣପୁରର ଆରାଧ୍ୟ ଦେବ ଶ୍ରୀ ରଙ୍ଗନାଥ ଦେବଙ୍କର ମାନବୀୟ ଲୀଳାର ଅନ୍ୟତମ ପ୍ରତୀକ ଓଢ଼ଣୀ ଲାଗି ବେଶ ଅନୁଷ୍ଠିତ ହୋଇଯାଇଥିବା ବେଳେ ଯୁଗେ ଯୁଗେ ମା'ଙ୍କ ହାତରନ୍ଧା ଖାଦ୍ୟ ଅମୃତ ସମାନ, ଏହାକୁ କେବଳ ମାନବ ସମାଜ ନୁହେଁ ଜଗତରନାଥ ଶ୍ରୀ ଜଗନ୍ନାଥଙ୍କ ଏହି ଓଢଣୀ ଲାଗି ନୀତିକାନ୍ତିରୁ ସ୍ୱଷ୍ଟ ବାରି ହେଉଛି। ମହାପ୍ରଭୁ ଓଢ଼ଣୀ ଷଷ୍ଠୀ ଠାରୁ ଶୀତ ଦାଉରୁ ରକ୍ଷା ପାଇବା ପାଇଁ ଶୀତ ବସ୍ତ୍ର ପରିଧାନ କରି ମକର ସଂକ୍ରାନ୍ତି ପର୍ଯ୍ୟନ୍ତ ରହିଥିବା ବେଳେ ଧନୁ ସଂକ୍ରାନ୍ତିଠାରୁ ପହିଲି ଭୋଗ ଆରମ୍ଭ ହୋଇ ଯାଇଛି। ଏହି ଅବସରରେ ଦୈନନ୍ଦିନ ଶ୍ରୀ ରଙ୍ଗନାଥ ଦେବଙ୍କ ନିକଟରେ ପହିଲି ଭୋଗ ଲାଗି ହେଉଅଛି। ଶୁକ୍ଳ ପକ୍ଷ ଓଢ଼ଣୀ ଷଷ୍ଠୀ ତିଥିରେ ଶ୍ରୀ ରଙ୍ଗନାଥଦେବ ଓ ବାଣପୁରର ଇଷ୍ଟଦେବୀ ମା'ଭଗବତୀଙ୍କର ଓଢ଼ଣୀ ଲାଗି ବେଶ ଅନୁଷ୍ଠିତ ହୋଇଥିଲା।

ଦ୍ୱାପର ଯୁଗର ସେହି ଗୋପ ଲୀଳାକୁ ସ୍ମରଣ କରାଇ ମା' ଯଶୋଦାଙ୍କ ହାତରନ୍ଧା ଅନ୍ନବ୍ୟଞ୍ଜନ ଓ ସର ଲବଣୀର ସ୍ୱାଦିଷ୍ଟକୁ ପ୍ରଭୁ ଭୁଲି ପାରୁ ନଥିବା ବେଳେ ବର୍ଷକେ ଥରେ ସେହି ମାହେନ୍ଦ୍ର ବେଳାକୁ ଦେବା ଦେବୀ ମାନେ ଅପେକ୍ଷା କରି ରହି ଥାଆନ୍ତି। ମହାମାୟୀ ମହାଲକ୍ଷ୍ମୀ ପିତ୍ରାଳୟକୁ ବୁଲି ଯାଇଥିବା ଯୋଗୁଁ ଆରମ୍ଭ ହୋଇଯାଇଛି ମା'ଯଶୋଦାଙ୍କ ସେହି ଅନାବିଳ ବାତ୍ସଲ୍ୟ ପ୍ରେମ। ମା' ଲକ୍ଷ୍ମୀଙ୍କର ଅନୁପସ୍ଥିତରେ ମା' ଯଶୋଦା ପ୍ରଭୁ ଜଗନ୍ନାଥ, ଭାଇ ବଳଭଦ୍ର ଓ ଭଉଣୀ ଦେବୀ ସୁଭଦ୍ରାଙ୍କ ପାଇଁ ଧନୁସଂକ୍ରାନ୍ତି ଠାରୁ ମକର ସଂକ୍ରାନ୍ତି ପର୍ଯ୍ୟନ୍ତ ଏକ ମାସ ଧରି ସକାଳୁ ସକାଳୁ ଗରମ ଗରମ ଅନ୍ନ ବ୍ୟଞ୍ଜନରେ ଛଅ ତିଅଣ ନଅ ଭଜା ପ୍ରସ୍ତୁତ କରି ପୁତ୍ରକୁ ପରଶି ଦେଉଛନ୍ତି। ଯାହା ପହିଲି ଭୋଗ ଭାବରେ ସମଗ୍ର ଉତ୍କଳରେ ପରିଚିତ। ଏହି ପରମ୍ପରା ଅନୁସାରେ ଲୀଳା କ୍ଷେତ୍ର ବାଣପୁରର ଆରାଧ୍ୟ ଠାକୁର ଶ୍ରୀ ରଙ୍ଗନାଥ ଦେବଙ୍କ ପୀଠରେ ମଧ୍ୟ ମହ ମହ ବାସୁଛି ସ୍ୱାଦିଷ୍ଟ ଅନ୍ନବ୍ୟଞ୍ଜନ ଓ ମିଷ୍ଟାନ୍ନର ବାସ୍ନାରେ। ଘିଅ, ଅଦା, ହେଙ୍ଗୁ ଦେଇ ପ୍ରସ୍ତୁତ ଖେଚେଡ଼ି, ଡ଼ାଲି, ବେସର, ମହୁର, ଶାଗ ମୁଗ, ଆମ୍ବିଳ, ଖିରି, କାକରା, ମୁଆଁ ପ୍ରତ୍ୟେହ ସକାଳୁ ସକାଳୁ ପ୍ରସ୍ତୁତ ହୋଇ ଶ୍ରୀଜୀଉ ମାନଙ୍କ ଠାରେ ଅର୍ପଣ କରାଯାଇ ଭକ୍ତ ମାନଙ୍କୁ ପ୍ରଦାନ କରାଯାଉଛି। ସେହିପରି ମାର୍ଗଶୀର ଶୁକ୍ଳ ଷଷ୍ଠୀ ଠାରୁ ଆରମ୍ଭ ହୋଇ ଯାଇଛି ଶୀତର ପ୍ରକୋପ। ଏଥି ନିମନ୍ତେ ଶ୍ରୀଜୀଉ ମାନଙ୍କୁ ଶୀତରୁ ସୁରକ୍ଷା ପାଇଁ ଗରମ ମଖମଲ କନାରେ ପ୍ରସ୍ତୁତ ଆପାଦ ମସ୍ତକ ଘୋଡ଼ଣୀ ପୋଷାକ ସହିତ ଶିରକା ପତା ଲାଗି କରାଯାଇ ଦୈନନ୍ଦିନ ନୀତିକାନ୍ତିରେ ଭୋର ୪ ଘଟିକା ଠାରୁ ପହିଲି ଭୋଗ ପୂଜା ଆରମ୍ଭ ହେଉଛି। ପରିଚାଳନା କମିଟିର ସଭ୍ୟ ଦେବଦତ୍ତ ପାଣି, ପଦ୍ମଚରଣ ମହାପାତ୍ର, ଦାସରଥି ସାହୁ, ସୋମନାଥ ହୋତା ଓ ବାଳମୁକୁନ୍ଦ ଦାସ ପ୍ରମୁଖ କାର୍ଯ୍ୟକ୍ରମକୁ ସୁପରିଚାଳନା କରୁଛନ୍ତି। ସମଗ୍ର ବାଲୁଗାଁ ଓ ବାଣପୁର ବସ୍ତୁ ମନ୍ଦିର ମାନଙ୍କରେ ମଧ୍ୟ ଚାଲିଛି ପହିଲି ଭୋଗ ନିତିକାନ୍ତି।

## ସେତୁରୁ ଖସିଲା ପ୍ଲାଷ୍ଟର

**ଗମ୍ଭାରୀପଦା,୧୮।୧୨(ସମିସ):** କାକଟପୁର ବ୍ଲକ ଅଧିନସ୍ଥ ଟଭାଗୋଲାରଗଡ଼ ଦ୍ୱିପାଞ୍ଚଳକୁ ଯାତାୟାତ ପାଇଁ ନିର୍ମାଣ ହୋଇଥିବା ସେତୁରୁ ପ୍ଲାଷ୍ଟର ଖସିଲାଣି। ଏହି ସେତୁର ନିର୍ମାଣ କାର୍ଯ୍ୟ ୨୦୧୪ରେ ଆରମ୍ଭ ହୋଇ ୨୦୨୦ରେ ଶେଷ ହୋଇଥିଲା। ମାତ୍ର ଲୋକାର୍ପଣର ଚାରି ବର୍ଷ ନପୂରୁଣୁ ଏହାର ବାଡାରୁ ପ୍ଲାଷ୍ଟର ଖସିବା ସହିତ ବିଭିନ୍ନ ଯାଗାରେ ଫାଟ ସୃଷ୍ଟି ହୋଇଛି। ଏହାର ସ୍ଥାୟିତ୍ୱକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଟଭାଗୋଲାରାଗଡ଼ର ଗ୍ରାମବାସୀମାନଙ୍କ ପାଇଁ ସେତୁଟି ଲୋକାର୍ପଣ ହେବା ସମୟରେ ଅଞ୍ଚଳବାସୀ ଯେତିକି ଖୁସି ଅନୁଭବ କରିଥିଲେ ଏବେ ଏହାର ସ୍ଥାୟୀତ୍ୱକୁ ନେଇ ଗ୍ରାମର ପ୍ରତାପ କୁମାର ପାତ୍ର, ନାରାୟଣ ରାଉତରାୟ, ଅକ୍ଷୟ ପାତ୍ର, ଗୋପାଳ ପାତ୍ର ପ୍ରମୁଖ କ୍ଷୋଭ ପ୍ରକାଶ କରିଛନ୍ତି।

### ଖୋର୍ଦ୍ଧାରୋଡ଼୍ ମଣ୍ଡଳ ଦ୍ୱାରା ଆନ୍ତଃମଣ୍ଡଳୀୟ ନୃତ୍ୟ ପ୍ରତିଯୋଗିତା

# ଗୋଷ୍ଠୀ ନୃତ୍ୟରେ ସମ୍ବଲପୁର ଡିଭିଜନ ବିଜୟୀ

**ଜଟଣୀ,୧୮।୧୨(ସମିସ)**




ଟ୍ରାଫିକ୍ କଲୋନୀ ସ୍ଥିତ ରେଲୱେ କଲ୍ୟାଣ ମଣ୍ଡପରେ ଖୋର୍ଦ୍ଧାରୋଡ଼ ମଣ୍ଡଳ ପକ୍ଷରୁ ଆନ୍ତ ମଣ୍ଡଳୀୟ ସାଂସ୍କୃତିକ – ନୃତ୍ୟ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ପୂର୍ବତଟ ରେଲୱେର ତିନୋଟି ଡିଭିଜନ୍ ଯଥା ବିଶାଖାପାଟଣା, ସମ୍ବଲପୁର, ଖୋର୍ଦ୍ଧାରୋଡ଼ ଏବଂ ଜୋନାଲ ମୁଖ୍ୟାଳୟର ସାଂସ୍କୃତିକ ଦଳ ଏହି ନୃତ୍ୟ ପ୍ରତିଯୋଗିତାରେ ଭାଗ ନେଇଥିଲେ।

ଏହି ଉତ୍ସବରେ ଖୋର୍ଦ୍ଧା ରୋଡ୍ ମଣ୍ଡଳ ରେଳ ପ୍ରବନ୍ଧକ ଏଚ୍.ଏସ୍.ବାଜୱା ଏବଂ ପୂର୍ବତଟ ରେଲୱେ ମହିଳା କଲ୍ୟାଣ ସଂଗଠନ ସଭାନେତ୍ରୀ ଶ୍ରୀମତୀ ଗୁର୍ ସିମ୍ରନ୍ କୌର୍ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଶୁଭ୍ରାଜ୍ୟୋତି ମଣ୍ଡଳ ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ଇନଫ୍ରା), ମହିଳା କଲ୍ୟାଣ ସଂଗଠନର ସଦସ୍ୟ ଏବଂ ଅନ୍ୟ ଶାଖା ଅଧିକାରୀମାନେ ଉପସ୍ଥିତ ରହିଥିଲେ। ରେଳ କର୍ମଚାରୀ ଏବଂ ସେମାନଙ୍କ ପରିବାର ସଦସ୍ୟଙ୍କୁ ନେଇ ଚାରୋଟି ସାଂସ୍କୃତିକ ଦଳ ମଧ୍ୟରେ ଶାସ୍ତ୍ରୀୟ ଏକକ ନୃତ୍ୟ ଏବଂ ଗୋଷ୍ଠୀ ନୃତ୍ୟ ପାଇଁ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଖୋର୍ଦ୍ଧା ରୋଡ଼ ମଣ୍ଡଳ ରେଳ ପ୍ରବନ୍ଧକ ଏଚ୍.ଏସ୍. ବାଜୱା ବିଜେତା ମାନଙ୍କୁ ପ୍ରମାଣପତ୍ର ଏବଂ ପୁରସ୍କାର ବଣ୍ଟନ କରିଥିଲେ।

ଆନ୍ତ ବିଭାଗୀୟ ସାଂସ୍କୃତିକ ପ୍ରତିଯୋଗିତାରେ ଜୋନାଲ ହେଡ କ୍ୱାର୍ଟରରୁ ଅଫିସ୍ ଅଧୀକ୍ଷକ ସଞ୍ଜୀବ ଦେବ୍ ଶାସ୍ତ୍ରୀୟ ଏକକ ନୃତ୍ୟ ପ୍ରତିଯୋଗିତାରେ ବିଜେତା ହୋଇଥିଲେ। ସମ୍ବଲପୁର ବିଭାଗର ସାଂସ୍କୃତିକ ଦଳ ଗୋଷ୍ଠୀ ନୃତ୍ୟ ପ୍ରତିଯୋଗିତାରେ ବିଜେତା ହୋଇଥିଲେ। ଇଣ୍ଟର ଡିଭିଜନାଲ ସାଂସ୍କୃତିକ ପ୍ରତିଯୋଗିତାର ବିଜେତାମାନେ ନିକଟ ଭବିଷ୍ୟତରେ ଅନୁଷ୍ଠିତ ହେବାକୁ ଥିବା ଇଣ୍ଟର ରେଳ ସାଂସ୍କୃତିକ ପ୍ରତିଯୋଗିତାରେ ପୂର୍ବତଟ ରେଳବାଇ ପକ୍ଷରୁ ପ୍ରତିନିଧିତ୍ୱ କରିବେ। ଏହି କାର୍ଯ୍ୟକ୍ରମକୁ ଖୋର୍ଦ୍ଧା ରୋଡ଼ ମଣ୍ଡଳ କାର୍ମିକ ଅଧିକାରୀ ଆର ଏନ୍.ଏ ପରିଡ଼ା ପରିଚାଳନା କରିଥିଲେ।

## ଶିଶୁ ଯତ୍ନ ଅନୁଷ୍ଠାନର ଜୀବନକୌଶଳ ଶିକ୍ଷା କର୍ମଶାଳା



**ଖୋର୍ଦ୍ଧା,୧୮।୧୨(ସମିସ):** ଖୋର୍ଦ୍ଧା ବ୍ଲକ ସମ୍ମିଳନୀ କକ୍ଷରେ ଜିଲ୍ଲା ଶିଶୁ ସୁରକ୍ଷା ପକ୍ଷରୁ ଶିଶୁ ଯତ୍ନ ଅନୁଷ୍ଠାନର ପରାମର୍ଶଦାତ୍ରୀ ଓ ସାମାଜିକ କର୍ମୀଙ୍କ ପାଇଁ ଜୀବନ କୌଶଳ ଶିକ୍ଷା ଉପରେ ଜିଲ୍ଲାସ୍ତରୀୟ ଦୁଇଦିନିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ମାନଙ୍କ ପାଇଁ କୌଶଳ ଶିକ୍ଷା ଉପରେ ପରାମର୍ଶ ପ୍ରଦାନ କରାଯାଇଛି। ଉକ୍ତ କର୍ମଶାଳାରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବାଣିଶ୍ରୀ ପଟ୍ଟନାୟକ ସ୍ୱାଗତ ଭାଷଣ ଦେବା ସହିତ କର୍ମଶାଳାର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ।

ଖୋର୍ଦ୍ଧା ଜିଲ୍ଲାରେ ଥିବା ୧୪ଟି ଶିଶୁ ଯତ୍ନ ଅନୁଷ୍ଠାନରୁ ଆସିଥିବା କର୍ମୀ ମାନେ ଶିଶୁ ଅନୁଷ୍ଠାନରେ ଥିବା ପିଲାମାନଙ୍କର ଜୀବନ କୌଶଳ ଶିକ୍ଷା ଦ୍ୱାରା କିପରି ଶାରୀରିକ ମାନସିକ ଏବଂ ବୌଦ୍ଧିକ ବିକାଶ କରାଇବା ସହିତ ନିଜକୁ ଦାୟିତ୍ୱ ବୋଧ କାର୍ଯ୍ୟ ନିମନ୍ତେ ନିଜକୁ ନିୟନ୍ତ୍ରଣ କରି ସମାଜରେ ନିଜକୁ ସଶକ୍ତ କରି ଗଢି ଉଠିବେ ଏବଂ ଜୀବନକୁ ସରସ ସୁନ୍ଦର କରିପାରିବେ ଏହି କର୍ମଶାଳାର ମୂଳ ଲକ୍ଷ। ଉକ୍ତ କର୍ମଶାଳାକୁ ସରସ ସୁନ୍ଦର କରିବା ପାଇଁ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ପରାମର୍ଶଦାତ୍ରୀ ମନସ୍ୱିନୀ ମହାପାତ୍ର, ପ୍ଲାନ ଇଣ୍ଡିଆ ଏନଜିଓରୁ ଶ୍ରୀ ଶୁକ୍ଲା ପରିଚାଳନା କରିଥିବା ବେଳେ ନେହୁରୁ ସେବା ସଂଘର ସାମାଜିକ କର୍ମୀ ପୁଷ୍ପାଞ୍ଜଳି ଦାସ ଏବଂ ସୁଭଦ୍ରା ମହତାବ ମଧୁସ୍ମିତା ରୁପା ଦାସ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

